# ପ୍ରେରଣା

## ଅକ୍ଟୋବର, ୨୦୨୦ ସଂସ୍କରଣ



ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ବାଇଁ

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

■ ଅକ୍ଟୋବର, ୨୦୨୦ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

## ଆମସହ ଯୋଗାଯୋଗ

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com, ଦୂରଭାଷ - 8908279130

# ଛବିଟିଏ ପାଇଁ ପଦଟିଏ

The image speaks...

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଅକ୍ଟୋବର - ୨୦୨୦ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ, ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ଅକ୍ଟୋବର - ୨୦୨୦ ସଂସ୍କରଣର ବିଜେତା କବୟିତ୍ରୀ ପ୍ରିୟଦର୍ଶିନୀ ପଣ୍ଡାଙ୍କୁ ଅଭିନନ୍ଦନ । ତାଙ୍କ କଲମରୁ...

ଅବଳା ନୁହେଁ ସେ ଦୁର୍ଗତିନାଶିନୀ,
ସ୍ନେହ, ମମତାର ଆଦର୍ଶ ସେ ପୁଣି ।
ଗଢ଼ିପାରେ ସିଏ ଦେବତା, ମଣିଷ,
ବଦ୍ଧ କରିପାରେ ପୁଣି ସେ ରାକ୍ଷସ ।
ମାତା, ଭଗ୍ନୀ, ପତ୍ନୀ ,ସବୁର ସେ ରୂପ,
ସିଂହବାହିନୀ ସେ ନାରୀର ପ୍ରତୀକ ।



ପ୍ରିୟଦର୍ଶିନୀ ପଣ୍ଡା

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।

- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।

- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।

- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।

- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସଂରକ୍ଷିତ ।

- ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।




**ଆ**ଧୁନିକ ଯୁଗରେ ଭବିଷ୍ୟତ ପାଇଁ ଯତ୍ନବାନ ମନୁଷ୍ୟ ବେଳେବେଳେ ଅତୀତର ଘଟଣାବଳୀ ଉପରେ ନିଜର ଦୃଷ୍ଟି ନିକ୍ଷେପ କରେ । ଏଥି ମଧ୍ୟରୁ ଇତିହାସର କିଛି ଘଟଣା ଭବିଷ୍ୟତ ବଂଶଧରମାନଙ୍କୁ ଜାତିପ୍ରୀତିରେ ଉଦ୍ଦୀପିତ କରିବାରେ ସହାୟକ ହୁଏ । ତନ୍ମଧ୍ୟରୁ ଦ୍ୱାଦଶ ଶତାବ୍ଦୀର ପୃଥ୍ୱୀରାଜ - ଜୟଚନ୍ଦ୍ର କଥାବସ୍ତୁ ଅନ୍ୟତମ ଅଟେ । ଇତିହାସରୁ ସୁସ୍ପଷ୍ଟ ହୁଏ ଯେ, ଦିଲ୍ଲୀ ଓ ଆଜମୀରରେ ରାଜତ୍ୱ କରୁଥିବା ଚୌହାନ ବଂଶୀୟ ରାଜା ପୃଥ୍ୱୀରାଜ ଜଣେ ଅତ୍ୟନ୍ତ ପ୍ରଜାବତ୍ସଳ ରାଜା ଥିଲେ । ସେ ସମୟରେ କନୌଜର ରାଜା ଜୟଚନ୍ଦ୍ର ଦିଲ୍ଲୀ ଅଧିକାର ପାଇଁ ଆଶାୟୀ ଥିଲେ । ଏଥି ପାଇଁ ପୃଥ୍ୱୀରାଜଙ୍କ ସହ ତାଙ୍କର ଶତ୍ରୁତା ବୃଦ୍ଧି ହୋଇଥିଲା । ପୃଥ୍ୱୀରାଜଙ୍କୁ ଅପମାନିତ କରିବା ପାଇଁ ଜୟଚନ୍ଦ୍ର ନିଜ କନ୍ୟା ସଂଯୁକ୍ତାର ସ୍ୱଂୟବର ସଭାକୁ ତାଙ୍କୁ ନିମନ୍ତ୍ରଣ କଲେନାହିଁ ବରଂ ପୃଥ୍ୱୀରାଜଙ୍କର ଏକ ପ୍ରତିମୂର୍ତ୍ତିକୁ ଦ୍ୱାରଦେଶରେ ଦ୍ୱାରପାଳ ରୂପେ ସ୍ଥାପନ କଲେ । ପୃଥ୍ୱୀରାଜଙ୍କର

ରୂପ ଗୁଣରେ ମୁଗ୍ଧ ସଂଯୁକ୍ତା ଏହି ସବୁ ବିଷୟରେ ଅବଗତ ହୋଇ ପୃଥ୍ୱୀରାଜଙ୍କ ନିକଟକୁ ଗୁପ୍ତ ସନ୍ଦେଶ ଦେଇଥିଲେ । ଏହାର ଫଳ ସ୍ୱରୂପ ସ୍ୱଂୟମ୍ବର ସଭାରେ ଉପସ୍ଥିତ ରାଜାମାନଙ୍କ ମନରେ ଆଶାର ମରୀଚିକା ସୃଷ୍ଟି କରି ସଂଯୁକ୍ତା ଦ୍ୱାରଦେଶରେ ସ୍ଥାପିତ ପୃଥ୍ୱୀରାଜଙ୍କ ପ୍ରତିମୂର୍ତ୍ତିରେ ବରଣମାଳା ଦେଇଥିଲେ । ହଠାତ୍ ଲୁକାୟିତ ଅବସ୍ଥାରେ ଥିବା ପୃଥ୍ୱୀରାଜ ସଂଯୁକ୍ତାଙ୍କୁ ନେଇ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ । ସ୍ୱୟଂବର ସଭାର ଆୟୋଜନ କରିଥିବା ଜୟଚନ୍ଦ୍ର ଏଥିରେ ଘୋର ଅପମାନିତ ହୋଇଥିଲେ । ଏହାର ପ୍ରତିଶୋଧ ନେବାପାଇଁ ସେ ଘୋର ରାଜ୍ୟର ରାଜା ମହମ୍ମଦ ଘୋରୀଙ୍କ ଆଶ୍ରୟ ନେଇଥିଲେ । ପୂର୍ବରୁ ଏପରି ଏକ ସୁଯୋଗର ଅପେକ୍ଷାରେ ଥିବା ମହମ୍ମଦ ଘୋରୀ ତତକ୍ଷଣାତ୍ ପୃଥ୍ୱୀରାଜଙ୍କ ବିରୋଧରେ ଯୁଦ୍ଧ ଘୋଷଣା କଲେ । ତିରୌରୀ ବା ତରାୟଣ ଠାରେ ୧୧୯୧ ଖ୍ରୀଷ୍ଟାବ୍ଦରେ ଅନୁଷ୍ଠିତ ଏହି ଯୁଦ୍ଧରେ ମହମ୍ମଦ ଘୋରୀ ପରାଜିତ ହୋଇ ନିଜ ରାଜ୍ୟକୁ ପଳାୟନ କରିଥିଲେ । ପୁନଶ୍ଚ ୧୧୯୨ ଖ୍ରୀଷ୍ଟାବ୍ଦରେ ଅନୁଷ୍ଠିତ ଦ୍ୱିତୀୟ ତିରୌରୀ ଯୁଦ୍ଧରେ ଜୟଚନ୍ଦ୍ରଙ୍କ କୂଟନୀତି ଫଳରେ ମହମ୍ମଦ ଘୋରୀ ବିଜୟଲାଭ କଲେ ଓ ପୃଥ୍ୱୀରାଜ ଚୌହାନ ରଣକ୍ଷେତ୍ରରେ ନିହତ ହେଲେ । ଏଥିସହିତ ଭାରତରେ ମୁସଲିମ୍ ଶାସନର ମୂଳଦୁଆ ପଡିଥିଲା । ଐତିହାସିକଙ୍କ ମତ ଅନୁସାରେ ପୃଥ୍ୱୀରାଜ ଚୌହାନଙ୍କ ପରାଜୟ କେବଳ ଚୌହାନ ବଂଶ ନାଶ

କରି ନଥିଲା ବଂର ସମଗ୍ର ଭାରତବର୍ଷ ପାଇଁ ବିପଦ ସୃଷ୍ଟି କରିଥିଲା । ବିଜୟର ଦୁଇ ବର୍ଷ ପରେ ଅର୍ଥାତ ୧୧୯୪ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଘୋରୀ ଜୟଚନ୍ଦ୍ରଙ୍କ ରାଜ୍ୟ ଅଧିକାର ପାଇଁ ଆଶାୟୀ ହେଲେ ସେଥିପାଇଁ ଜୟଚନ୍ଦ୍ରଙ୍କ ବିରୋଧରେ ଯୁଦ୍ଧ ଘୋଷଣା କଲେ । ଯୁଦ୍ଧରେ ପରାଜିତ ହୋଇ ଜୟଚନ୍ଦ୍ର ନିଜ ରାଜ୍ୟରୁ ପଳାୟନ କଲେ । ଇତିହାସର ଏହି କଥାବସ୍ତୁ ଆମକୁ ଅନେକ କିଛି ଶିକ୍ଷା ଦେଇଥାଏ ।


ବର୍ତ୍ତମାନ ସମାଜରେ ଦେଖା ଦେଉଥିବା ଭାତୃ ବିବାଦ ଯୋଗୁଁ ଅନେକ ହିଂସା କାର୍ଯ୍ୟ ଘଟୁଛି । ଭାଇ ଭାଇ ମଧ୍ୟରେ ଦେଖା ଦେଉଥିବା ଶତ୍ରୁପଣ ବାହ୍ୟ ଶତ୍ରୁଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି । ନିଜ ଗୃହଛିଦ୍ର ଅନ୍ୟ ଆଗରେ ପ୍ରକାଶ କରିବା ହେତୁ ପରିବାରର ମର୍ଯ୍ୟାଦା ହାନି ହେବା ସଙ୍ଗେ ସଙ୍ଗେ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି କରୁଛି । ସମ୍ପ୍ରତି ସମାଜରେ ଏହାର ମାତ୍ରା ଏତେ ବଢିଚାଲିଛି ଯେ, ଆଗାମୀ ପିଢିଙ୍କ ପାଇଁ ଏହା ଏକ ଚିନ୍ତାର ବିଷୟ ନିଶ୍ଚିନ୍ତ ।

ଆଲୋଚିତ ଐତିହାସିକ କଥାବସ୍ତୁରେ ଜୟଚନ୍ଦ୍ର ଯଦି ନିଜ ଜାମାତା ପୃଥୀରାଜଙ୍କର ଯୁଦ୍ଧ ରଣନୀତି ମହମ୍ମଦ ଘୋରୀଙ୍କୁ ଅବଗତ କରିନଥାନ୍ତେ କିମ୍ବା ଘୋରୀଙ୍କୁ ଗୁପ୍ତ ସୂଚନା ଦେବା ସହ ସାହାଯ୍ୟ କରିନଥାନ୍ତେ ତେବେ ହୁଏତ ମହମ୍ମଦ ଘୋରୀଙ୍କ ବିଜୟ ସମ୍ଭବ ହୋଇନଥାନ୍ତା ।ଏଣୁ ପ୍ରତିଶୋଧ

ପରାୟଣ ହୋଇ ଆପଣାର ଲୋକଙ୍କ କ୍ଷତି କରିବା ଉଚିତ୍ ନୁହେଁ । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ବିଶ୍ୱ-ଭାତୃତ୍ୱକୁ ସମ୍ମାନ ଦେବା ଆବଶ୍ୟକ । ପରିଶେଷରେ ଜାତିପ୍ରୀତିର ଭାବନାରେ ଅନୁପ୍ରାଣିତ କରୁଥିବା ଏହିଭଳି ଐତିହାସିକ କଥାବସ୍ତୁ ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ସମସ୍ତେ ସାର୍ଥକ ଉଦ୍ୟମ କରିବା ଉଚିତ୍ ।

*****

ଧ୍ରୁବତାରା ପବ୍ଲିକେଶନର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା"କୁ ଅର୍ଡର କରିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ ।




ଧ୍ରୁବତାରା ପବ୍ଲିକେଶନସ୍

# ସୂଚୀପତ୍ର



| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | ଅନ୍ତରଙ୍ଗ ଆଳାପ | | ୨୧ |
| | **ପଦ୍ୟ ବିଭାଗ** | | |
| ୧. | ସଂଯୁକ୍ତା | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୩୨ |
| ୨. | ହେ ଶ୍ୟାମ | ଚାରୁବାଳା ପାଢୀ | ୩୪ |
| ୩. | ତୁମେ ତ ଅନନ୍ୟା | ସାବିତ୍ରୀ ମହାପାତ୍ର | ୩୬ |
| ୪. | ଆଦ୍ୟାନ୍ତ ସାଥି | ରୋଜା ପଣ୍ଡା | ୩୮ |
| ୫. | ମୋ ଜେଜି | ତେଜସ୍ୱିନୀ ସାମଲ | ୪୧ |
| ୬. | କନ୍ୟା କୁମାରୀ | ପୁଣ୍ୟରୂପା ଦାଶ | ୪୪ |
| ୭. | ସ୍ୱାଭିମାନ | ଅଲିଭା ସାହୁ | ୪୬ |
| ୮. | ଅମୂଲ୍ୟ ରତ୍ନ | ନୂତନ କୁମାର ବେହେରା | ୪୮ |
| ୯. | କ’ଣ ଭୁଲ ଥିଲା ? | ସସ୍ମିତ ସତ୍ୟପ୍ରକାଶ ମିଶ୍ର | ୫୧ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧୦. | ଧରିତ୍ରୀ | ପୁଷ୍ପିତା ପ୍ରଧାନ | ୫୩ |
| ୧୧. | ନାରୀ | ଅନସୂୟା ପଣ୍ଡା | ୫୫ |
| ୧୨. | ହରିଣ ଶିକାର | ପ୍ରଜ୍ଞା ପାରମିତା ମହାନ୍ତି | ୫୮ |
| ୧୩. | ଝରକା | ମୃତ୍ୟୁଞ୍ଜୟ ପାତ୍ର | ୬୦ |
| ୧୪. | ପ୍ରହର | ପୁଷ୍ପାଞ୍ଜଳି ପଣ୍ଡା | ୬୩ |
| ୧୫. | ଆଦର୍ଶ ବାପା-ମା | ରାକେଶ କୁମାର ଦାସ | ୬୫ |
| ୧୬. | ସନ୍ଧ୍ୟା ଆଳତି | ସରୋଜିନୀ ମିଶ୍ର | ୬୭ |
| ୧୭. | ଯୌତୁକ ଜୁଇ | ପ୍ରତିଭା ପ୍ରଧାନ | ୬୯ |
| ୧୮. | ଶୀତ ଆସୁଛିରେ ଥିରିଥିରି | ରୁଦ୍ର ନାରାୟଣ ସାହୁ | ୭୨ |
| ୧୯. | ଅଯୋଗ୍ୟ ସନ୍ତାନର ଗାଥା | ଜୟଶ୍ରୀ ବେହେରା | ୭୫ |
| ୨୦. | ଦୁହିତା | ତପସ୍ୱିନୀ ଦାଶ ଷଡଙ୍ଗୀ | ୭୯ |
| ୨୧. | ଦୀପାବଳି | ହୃଦୟାନନ୍ଦ ପଧାନ | ୮୨ |
| ୨୨. | ଆଖି ଆଉ ଆଖି ନାହିଁ..! | ଶିବ ଚରଣ ମହାପାତ୍ର | ୮୪ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | **ଗଦ୍ୟ ବିଭାଗ** | | |
| ୨୩. | ସମ୍ପର୍କରେ ଲକଡାଉନ୍ | ସରିତା ନନ୍ଦ | ୮୭ |
| ୨୪. | ଭୂତୁଣୀ | ରୋଜା ପଣ୍ଡା | ୯୩ |
| ୨୫. | ସର୍ବ ମଙ୍ଗଲ୍ୟ ମାଙ୍ଗଲ୍ୟେ | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୯୭ |
| ୨୬. | ଅଭୁଲା ସ୍ମୃତି | ଇତିଶ୍ରୀ ଜାନା | ୧୦୪ |
| ୨୭. | ବୋଇତ ବନ୍ଦାଣ ଉତ୍ସବର ତାତ୍ପର୍ଯ୍ୟ | ପ୍ରଜ୍ଞା ପାରମିତା ମହାନ୍ତି | ୧୦୬ |


*****

# ପ୍ରକାଶ ଅପେକ୍ଷାରେ ଧ୍ରୁବତାରା ପବ୍ଲିକେଶନର ଦ୍ୱିତୀୟ ପୁସ୍ତକ “ସଂଯୁକ୍ତା”



# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବି...



**ନାମ :** ଅମୃତେଶ ଖଟୁଆ

**ଜନ୍ମ ତାରିଖ :** ୨୮ ଜୁନ୍ ୨୦୦୪

**ବର୍ତ୍ତମାନ ଠିକଣା :** ୨୩୭, ଏମ୍.ଆଇ.ଜି -୩, କାନନ ବିହାର, ଫେଜ୍-୨, ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୪

**ଶିକ୍ଷା :** ଦଶମ ଶ୍ରେଣୀ (ବର୍ତ୍ତମାନ)।

**୧. ଉଲ୍ଲେଖନୀୟ ସଫଳତା :** ଓଡ଼ିଆ, ଭାଷା ଓ ସଂସ୍କୃତି ପାଇଁ ନିତ୍ୟ ଆଲେଖ୍ୟ ଲିଖନ ଓ ସକ୍ରିୟ ଯୋଗଦାନ ପାଇଁ ଅନ୍ତର୍ଜାତୀୟ ଅନୁଷ୍ଠାନ "ଓଡିଆ ସାହିତ୍ୟ ଚୁଙ୍ଗୀ" ର ଅନ୍ୟତମ ମୁଖ୍ୟ ଆବାହକ ଏବଂ ଜାତୀୟ ସ୍ତରର "ନବଗୁଞ୍ଜର ମଞ୍ଚ"ର ଯୁବ ଆବାହକ ଓ ପ୍ରତିଷ୍ଠାତା ସଦସ୍ୟ ରୂପେ ମନୋନୀତ ।

**୨. ପ୍ରିୟ ପୁସ୍ତକ :** ଯେପରି ଭାବ ସରେନି, ସେହିପରି ଭାବେ ଆମର ଲେଖନୀ ଅବିରତ । ଏଣୁ ପ୍ରିୟାପ୍ରିୟ ନଥିଲେ ସୁଦ୍ଧା ମୋ ହୃଦଗତ

ହୋଇଥିବା କେତୋଟି ପ୍ରିୟ ଓ ଅମୃତୋପମ ପୁସ୍ତକ ଗୁଡିକ ହେଉଛି, 'ସୁରେନ୍ଦ୍ର ଗଳ୍ପବୀକ୍ଷା' (ସୁରେନ୍ଦ୍ର ମହାନ୍ତି), 'ଜାଣେ ଅନୁଭବୀ ଅନୁଭବରେ' (ହୃଦାନନ୍ଦ ରାୟ), 'ଭାଗବତ' (ଅତିବଡୀ ଜଗନ୍ନାଥ ଦାସ), 'ଲାବଣ୍ୟବତୀ', 'ପ୍ରେମ ସୁଧାନିଧି', 'ବୈଦେହୀଶ ବିଳାସ', 'ଯମକରାଜ ଚଉତିଶା' (ଉପେନ୍ଦ୍ର ଭଞ୍ଜ), 'ରସକଲ୍ଲୋଳ' (ଦୀନକୃଷ୍ଣ ଦାସ), 'ବିଦଗ୍ଧ ଚିନ୍ତାମଣି' (ଅଭିମନ୍ୟୁ ସାମନ୍ତସିଂହାର), 'ପିଙ୍ଗଳାର ସୂର୍ଯ୍ୟ' (ବେଣୁଧର ରାଉତ), 'ଅନାଗତ ଫାଲଗୁନ', 'ଓ ଅନ୍ଧଗଳି' (ଅଖିଳ ମୋହନ ପଟ୍ଟନାୟକ), 'କାଳପୁରୁଷ' (ଗୁରୁପ୍ରସାଦ ମହାନ୍ତି), 'ଫକୀରମୋହନଙ୍କ ଗଳ୍ପସ୍ବଳ୍ପ', 'ଯନ୍ତ୍ରାରୂଢ଼', 'ଖର୍ବପୁରୁଷ' (ଚନ୍ଦ୍ରଶେଖର ରଥ), 'ଧୂପ', 'କମଳାୟନ', 'ସାଧବଝିଅ', 'ଜେମା' (ମାୟାଧର ମାନସିଂହ), 'ସରୀସୃପ', 'ପୋହଳା ଦ୍ଵୀପର ଉପକଥା', 'ହୈମନ୍ତୀ' (ବିନୋଦ ଚନ୍ଦ୍ର ନାୟକ) ଇତ୍ୟାଦି ।

**୩. ପ୍ରିୟ ଲେଖକ/ଲେଖିକା :** ସର୍ବାଦୌ ଗୋଟିଏ ସ୍ବତଃପ୍ରବୃତ୍ତ, ସ୍ବତଃସ୍ଫୁର୍ତ୍ତ ତଥା ନିର୍ମଳଚେତା ମନ ଯେତେ ଲେଖନୀ ଆତ୍ମାସଂସର୍ଗୀ ଏବଂ ହୃଦୟସ୍ପର୍ଶୀ, ସେଥିପାଇଁ ଲେଖକର ନିତ୍ୟ ନୂତନତା ବଜାୟ ରହେ କାଳଜୟୀ ହୋଇ । ନିର୍ଦ୍ଦିଷ୍ଟ କେହି ପ୍ରିୟ ଲେଖକ ଲେଖିକା ନାହାନ୍ତି । ଯାହାଙ୍କ ଠାରେ କିଛି ପ୍ରିୟତର ଗୁଣ ଖୋଜିବାର ଆଶା ନେଇ ଯାଇଛି, ସମସ୍ତେ ନିଜ ନିଜ ଭିନ୍ନତା ଓ ଅନନ୍ୟତାକୁ ଦେଖାଇ ଠଉରେଇ ଦିଅନ୍ତି ମୌଳିକତା । ସେହି ଦୃଷ୍ଟିରୁ

ଅତ୍ୟାଧୁନିକ ଯୁଗର ସମସ୍ତ ଲେଖକ ଲେଖିକାଙ୍କ ଲେଖା ବହୁତ ଭଲ ଲାଗେ, ହେଲେ ବେଶି ଆକୃଷ୍ଟ କରେ ବର୍ତ୍ତମାନର ଯୁବପିଢିଙ୍କ ନବୀନ ଭାବମୂର୍ତ୍ତି । ନବ ଭାବନାଶୟ ଲେଖନୀର ଅନୁସୃତ ଚେତନାକୁ ଆହୁରି ଦୃଢୀଭୂତ ଆଉ ସଜ୍ଜୀକୃତ କରେ । ଏଣୁ ପ୍ରତ୍ୟେକ ଯୁଗରୁଚି ସହ ନିତ୍ୟ ନୂତନ ସୃଷ୍ଟିରେ ହିଁ ରହିଛି ସବୁ ପ୍ରିୟପଣ ।

**୪. ଆପଣଙ୍କ ପ୍ରେରଣାର ଉତ୍ସ :** ଜୀବନରେ ପ୍ରେରଣାର ଅନ୍ତ ନାହିଁ । ସ୍ୱୀୟ ଆତ୍ମନ୍ ଠୁ ବଳି ପ୍ରେରଣା କେହି ନଥାଏ । ଅର୍ଥାତ୍, ସମସ୍ତ ମହାପୁରୁଷ ଓ ମହୀୟାନ ବ୍ୟକ୍ତିତ୍ୱଙ୍କ ଗୋଟିଏ ବାଣୀ, ତମେ ଆମ ଆଦର୍ଶର ପାଥେୟ କର ଅବଶ୍ୟ, ହେଲେ ତମେ ନିଜର ମହତ୍ତ୍ୱର ଉପଲବ୍ଧିକୁ ସର୍ବଦା ସେହି ଲକ୍ଷ୍ୟରେ ରଖିକି ଅଗ୍ରଗାମୀ ହୁଅ । ଆଉ ସେଥିପାଇଁ ନିଜେ ହିଁ ନିଜକୁ ବିବେକୋଚିତ ସୌକୁମାର୍ଯ୍ୟରେ ଆୟୁଷ୍ମାନ କରେଇ ପ୍ରଭୁପଦାସୀନ । ଆପଣ କହିବେ ଯଦି ସବୁର ମୂଳରେ ପରାତ୍ମନ୍, ସେ ମହାପୁରୁଷଙ୍କ ରୂପରେ, ଶିକ୍ଷକ ରୂପରେ ଚାରିପଟର ପରିବେଶର ଅନୁସର୍ଜନାରେ କି ଆପଣାର କେଉଁ ମଣିଷ ଭିତରେ - ସେ ହିଁ ବିଭିନ୍ନ ରୂପେ ଆସି ପ୍ରେରଣା ଉଦ୍ଦୀପିତ କରାନ୍ତି । ଆଉ ସେ ହିଁ ଏ ଆତ୍ମନର ପରମସାଧ୍ୟ ଓ ପରମ ଲକ୍ଷ୍ୟ ।

**୫. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ଓ ସାହିତ୍ୟ ସର୍ଜନା ବିଷୟରେ ସମ୍ୟକ ବିବରଣୀ :** ସାହିତ୍ୟର ପ୍ରବେଶ ତ ସବୁଠି ଅଛି । ଛୋଟ ବେଳୁ

ନାନାବାୟା ଗୀତ, ଲୋକଗଳ୍ପ, କାହାଣୀ ସବୁ ଅଜସ୍ର ପାଠ କରିଛି । ହେଲେ ସ୍ୱକୀୟ ଲେଖନୀ ଚାଳନାର ସମୟ ଅବଧି ସେତେବେଳେ ଥିଲା ତୃତୀୟ ଶ୍ରେଣୀ । "ବର୍ଷାଋତୁ" ଉପରେ ଏକ ଗୀତ ଲେଖିଲି ଏହିପରି : -

"ବରଷା ଋତୁ ପହିଲି ଆଇଲା
ଚଷା ଭାଇ କ୍ଷେତକୁ ଅଇଲା,
ଧାନ ଅରଜିବେ ଶ୍ରମେ ସେହୁ
ତାଙ୍କର ଗୁଣ ମୁଖେ କି ଗାଉ ?"

ଉଲ୍ଲେଖ କରିବାକୁ ଯାଇ ମୁଁ କହିବାକୁ ଚାହେଁ ମୋର ଶୈଶବ ହିଁ ଏବେ ମୋ ବର୍ତ୍ତମାନର ଏନ୍ତୁଡିଶାଳ, ଯାହା ପର୍ଯ୍ୟାୟକ୍ରମେ ମୋତେ ନିଜ ଜୀବନ ପ୍ରତି କୃତଜ୍ଞ ଓ ନିଜକୁ ଚିରସ୍ମରଣୀୟ କରିଥିବାରୁ ଚରିତାର୍ଥ ହୋଇଛି । ଛୋଟ ବେଳେ ( ଅନ୍ୟୂନ ପାଞ୍ଚ ବର୍ଷ ହେଲା ବେଳକୁ ) ମୁଁ ମୋ ଅଜା ଓ ଆଈଙ୍କ ପାଖରେ ସମୟ ଅତିବାହିତ କରିଛି । ସେହି ସମୟ ଭିତରେ ଆଈ ଠାକୁର ପୂଜା କରୁଥିବା ପ୍ରତ୍ୟହ ଦୃଶ୍ୟମାନ କରିଥାଏ । ଏହି ଆତ୍ମପ୍ରତ୍ୟୟ ମୋ ଭିତରେ ଆଧାତ୍ମିକ ଚେତନାର ସ୍ଫୁରଣ ଘଟାଇଲା, ମାତ୍ର, ତତ୍କାଳେ ମୁଁ କେବଳ ଅନୁକରଣ କରିବା ହିଁ ଧ୍ୟେୟ କରିଥିଲି। ମାତ୍ର, ଯେତେବେଳେ ମୁଁ ଆଠ ବର୍ଷ ବୟସରେ ଇଂରାଜୀ ଓ ଓଡ଼ିଆ ଖବରକାଗଜ ପଠନ କରିବା ଆରମ୍ଭ କରିଲି, ସେତେବେଳେ ମୁଁ ଖବରକାଗଜ ମଧ୍ୟରେ ପ୍ରକାଶିତ

ହେଉଥିବା କିଛି ଆଧ୍ୟାତ୍ମିକ ତତ୍ତ୍ୱ ଓ ଚିନ୍ତାଧାରା ପ୍ରତି ଅବଗତ ହେବା ସହ ଉତ୍କଳୀୟ ସଂସ୍କୃତି ସମ୍ବନ୍ଧରେ ମଧ୍ୟ ବେଶ୍ ଶୁଣିବାକୁ ପାଇଲି ।

ଲିଟିଲ୍ ଆଞ୍ଜେଲସ ଠାରେ ମୋର ପ୍ରାଥମିକ ଶିକ୍ଷା ସମାପ୍ତି ପରେ ପରେ ମୁଁ ଓଡିଏମ୍ ପବ୍ଲିକ ସ୍କୁଲରେ ଭର୍ତ୍ତି ହୋଇଥିଲି । ବର୍ତ୍ତମାନ ମୁଁ ସେଠାରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ଅଛି। ଯେତେବେଳେ ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥାଏ, ସେତେବେଳେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଜଗନ୍ନାଥ ତତ୍ତ୍ୱ, ସଂସ୍କୃତି ସମ୍ବନ୍ଧରେ ମଧ୍ୟ ବହୁତ କିଛି ଜାଣିସାରିଥିଲି । ଶ୍ରୀ ଜଗନ୍ନାଥଙ୍କ ପ୍ରତି ଅନୁରକ୍ତି ଫଳରେ ମୁଁ ୨୦୧୫ ମସିହାରେ ନବକଳେବର ବିଷୟରେ ଅବଗତ ହେଲି । ଏହି ଅନବରତ ତଥା ପୁଙ୍ଖାନୁପୁଙ୍ଖ ଅନୁଶୀଳନ ଫଳରେ ମୋ ଅନ୍ତର୍ଗତ ଅଧ୍ୟାତ୍ମମନସ୍କତା ସହ ସଂସ୍କୃତି ପ୍ରେମର ଅଭ୍ୟୁଦୟ ହେଲା । ବର୍ତ୍ତମାନ ସେଥିମଧ୍ୟରୁ ସଂସ୍କୃତ ଭାଷାରେ ୨୦୦ରୁ ଊର୍ଦ୍ଧ୍ୱ ଶ୍ଳୋକ ଓ ଅନେକ ପୁରାଣମାନଙ୍କ ଅଧ୍ୟୟନ କରିସାରିଛି ।

ଏହା ପ୍ରକାଶ୍ୟ ଯେ ମୁଁ ଚତୁର୍ଥ ଶ୍ରେଣୀ ବେଳକୁ କାବ୍ୟ ରଚନାରେ ମନୋନିବେଶ କରିବା ସ୍ୱରୂପ ମୋର ପ୍ରଥମ କବିତା 'ସମୟ' 'ବେଙ୍ଗୁଲୀନାନୀ' ପତ୍ରିକାରେ ପ୍ରକାଶିତ ହୋଇଥିଲା । ଧୀରେ ଧୀରେ ମୋର ଅଧ୍ୟାତ୍ମମନସ୍କତା ସାହିତ୍ୟମନସ୍କତା ପ୍ରତି ଅଗ୍ରଗତି କରିଲା । ସପ୍ତମ ଶ୍ରେଣୀରୁ ଅଦ୍ୟାବଧି ମୋ ପାଖରେ ୪୦୦ରୁ ଊର୍ଦ୍ଧ୍ୱ କାବ୍ୟ ରଚନା ଅଛି, ଯାହା

କି ଆପଣ ମାନେ ପଠନ ବି କରିସାରିଲେଣି । ଅଷ୍ଟମ ଶ୍ରେଣୀ ପରେ ତାହା ଆହୁରି ସୁଯୋଗ ସୃଷ୍ଟି କରିଲା । ବୟସ ଆହୁରି ଥିବାରୁ ମୁଁ ଏହାକୁ ଶ୍ରୀଅରବିନ୍ଦଙ୍କ 'ଅତିମାନବୀୟ' ଉତ୍ତରଣର ପନ୍ଥା ଭାବେ ଅଗ୍ରସର ହେବି ।

ସାହିତ୍ୟିକ ରସାନୁଭୂତି ମୋ ଜୀବନର ଅଭୀଷ୍ଟ ହୋଇପାରିଛି । ସାହିତ୍ୟର ସଂଜ୍ଞା ହେଉଛି, "ସହିତଂ ଭାବଂ ସନ୍ନିହିତଂ ତତ୍ ସାହିତ୍ୟମ୍"। ଯାହା ସମସ୍ତ ଅଗଣିତ ତତ୍ତ୍ୱ ଓ ଦର୍ଶନମାନଙ୍କୁ ନିଜ ଭିତରେ ନିହିତ ରଖିବାରେ ସକ୍ଷମ, ତାହା ସାହିତ୍ୟ। ସାହିତ୍ୟ ହେଉଛି ସଂକ୍ଷେପ କେଇ ଧାଡିରେ ସାର୍ବଜନୀନ ଚେତନାର ପରିପ୍ରକାଶ ମଧ୍ୟ, ଯାହା କେତୋଟି ସରଳତା ଓ ସାବଲୀଳ ଶୈଳୀରେ ବି ସମସ୍ତଙ୍କ ବୋଧଗମ୍ୟତା ଓ ଆନନ୍ଦର ଅଭିପ୍ରାୟ ।

ସାହିତ୍ୟରେ ଶସ୍ୟଳ ଧାନ ପରି ରସାଳ ଶବ୍ଦର ଚାତୁରୀ ନିତାନ୍ତ ନିପୁଣ ହେବା ହିଁ ଉଚିତ୍ । ଛୋଟରୁ ଛୋଟରୁ ପଥର ମାନଙ୍କ ଖୋଦନ ନିମନ୍ତେ ଗୋଟେ କେନ୍ଦ୍ରୀଭୂତ ତଥା ନିପୁଣତା ଥିବା ଚେତନାରେ ଧ୍ୟାନ ଆବଶ୍ୟକ । ଅର୍ଥାତ୍, ଏକ ଅନ୍ତର୍ଗତ ବିଭାବନାରୁ ଉଦ୍ରେକ ମର୍ମର ଅନ୍ତଃସ୍ୱରକୁ ସାହିତ୍ୟିକ ସ୍ୱତଃ ପ୍ରବୃତ୍ତ ହୋଇ ଯେତେବେଳେ ଲେଖିଚାଲେ, ସେଥିରେ ସବୁଠାରୁ ମନୋରମ ଉପପାଦ୍ୟ ରହିଯାଏ ।

ଏତଦ୍ ବ୍ୟତୀତ, ପୁସ୍ତକ ପାଠ କରିବା ମୋର ଅତ୍ୟନ୍ତ ପ୍ରିୟ । ହେଲେ ଅନେକ ଗଳ୍ପ ପଢିବା ସତ୍ତ୍ୱେ ଗଳ୍ପ ଲେଖିବାଟା ମୋ ପାଇଁ ଏତେ

ସହଜସାଧ ହେଇପାରିନି କାରଣ ଗଳ୍ପର ଗତିଶୀଳତା ଏକ କଳ୍ପିତ ଭାବନାର ଉପପାଦ୍ୟ ସହ ବାସ୍ତବିକ ସତ୍ତ୍ୱର ସହ ଚଳାୟମାନ ହୁଏ । ଏଣୁ, ଗଳ୍ପ ପଠନପାଠନ ପ୍ରତି ଯଥେଷ୍ଟ ସଚେତନ ରହେ । ଆଉ ଆଗାମୀ ପିଢିକୁ ପଢୁଥିବାର ସୁବର୍ଣ୍ଣ ସୁଯୋଗ ସତରେ ଓଡିଆ ମାଟିର ସୁରଭିକୁ ଆହୁରି ପ୍ରସରିତ କରୁଅଛି ।

କେବଳ ଏତିକି ନୁହେଁ, ବର୍ତ୍ତମାନ ୧୧୦୦ କାବ୍ୟ କବିତା ବ୍ୟତୀତ ୨୦୦ରୁ ଊର୍ଦ୍ଧ୍ୱ ଦୀର୍ଘ ଗବେଷଣାତ୍ମକ ଆଲେଖ୍ୟ ରହିଛି । ତନ୍ମଧ୍ୟରୁ ଅନେକ ଗବେଷଣାତ୍ମକ ଲେଖା ପ୍ରକାଶ ପାଇସାରିଥିବା ସହ ଯତ୍କିଞ୍ଚିତ୍ ପତ୍ରିକାମାନଙ୍କରେ ଛୋଟ କବିତା ସବୁ ପ୍ରକାଶିତ ହୋଇଅଛି । ହେଲେ ମଧ ବର୍ତ୍ତମାନ ସମୟ ଅଧୀତବ୍ୟ ଗବେଷଣା ବିଷୟକୁ ହିଁ ମୁଁ ମୋ ସାରସ୍ୱତ ପରିଚର୍ଯ୍ୟାରେ ସ୍ଥାନ ଦେଇଛି, ଯେହେତୁ ଓଡିଆ ସାହିତ୍ୟ ଓ ଗବେଷଣା - ଏ ଉଭୟ କ୍ଷେତ୍ରରେ ବର୍ତ୍ତମାନ ସମ୍ୟକ୍ ଦାବି ନିବେଦିତ କରାନ୍ତି ।

**୬. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :** ଗତ ଶହେ ବର୍ଷର ଓଡିଆ କବିତାର ଇତିହାସକୁ ସମାଲୋଚକମାନେ ଆଧୁନିକ ଓ ଅତ୍ୟାଧୁନିକ ଏପରି ଦୁଇବିଧ ପର୍ଯ୍ୟାୟରେ ବିଭକ୍ତ କରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ କବିତାକୁ ସେମାନେ ଆଧୁନିକ ଓ ତଦୁତ୍ତର ଶ୍ରେଣୀକୁ ଅତ୍ୟାଧୁନିକ ଭୁକ୍ତ କରାଯାଏ । ହେଲେ ମଧ ସବୁବେଳେ ସାହିତ୍ୟର ବିଭବ ଗୋଟିଏ

ଗୋଟିଏ ସ୍ତର ଦେଇ ଗତି କରି ଉଠେ । ଗତ ଯୁଗର ରାଧାନାଥ, ଫକୀରମୋହନଙ୍କ ପରି ଅନବଦ୍ୟ ସାରସ୍ୱତ କିମ୍ବଦନ୍ତୀଙ୍କୁ ପାଥେୟ କରି ସୃଷ୍ଟି ହେଉଛି ନବ କୀର୍ତ୍ତି ।

ପୃଥିବୀର, ସ୍ଥୂଳତଃ, ଅଧିକାଂଶ ଜାତିର ସାମ୍ପ୍ରତିକ ସାହିତ୍ୟରେ ଏବେ କେତେ ବର୍ଷ ହେଲା - 'ଆଧୁନିକତା' ଗୋଟିଏ ପର୍ଯ୍ୟାୟ ବା ଅବସ୍ଥା । ତେବେ ଆଜିର ଏହି ଆଧୁନିକତା ସର୍ବମୁଖ୍ୟ ଲକ୍ଷ୍ୟ ଭାବେ ପ୍ରତୀକିତ କରାଏ ବ୍ୟକ୍ତିତ୍ୱ, ପରିପାର୍ଶ୍ୱର ତଥା ବିଶ୍ୱର ଅନ୍ତରଙ୍ଗ-ବହିରଙ୍ଗ ସଂଘର୍ଷ, ଦ୍ୱନ୍ଦ୍ୱ, ବିକ୍ଷୋଭଣ, ପରିବର୍ତ୍ତନ, ପ୍ରଗତି ଇତ୍ୟାଦିର ଚେତନାଜନିତ ପ୍ରବାହ । ହେଲେ ମଧ୍ୟ ଆମ ସାହିତ୍ୟ ସବୁବେଳେ ଅତୀତର ପଚ୍ଛଭୂମିକୁ ଭିତ୍ତି କରି ବର୍ତ୍ତମାନର ସମ୍ଭ୍ରମ ଉପରେ ତିଷ୍ଠି ଭବିଷ୍ୟତ ଅପେକ୍ଷାରେ ଅଗ୍ରଣୀ - ଆମେ ଅତୀତର ଏକପ୍ରାଣତା ସହ ପରିସ୍ଥିତି ଓ ପରିପାର୍ଶ୍ୱଗତ ନିରବଚ୍ଛିନ୍ନତା ଠାରୁ ମୁକ୍ତ ମଧ୍ୟ ନୁହଁ ।

ସାହିତ୍ୟର ଆବେଦନଧର୍ମୀ ଗାଥା ସବୁବେଳେ ରହିଆସିଛି ଅବଶ୍ୟ, ହେଲେ ମଧ୍ୟ ବର୍ତ୍ତମାନ ସମାଜର ଅନ୍ତର୍ଦୃଷ୍ଟିରେ ଆମର ସାହିତ୍ୟ ବିଶେଷ ହୃଦୟସମ୍ବଳୀ ହୋଇ ପାରିନି । କାରଣ ସାହିତ୍ୟର ପାରସ୍ପରିକ ଅବସ୍ଥା ଉପୁଜାଇବା ଭଳି 'ସହିତ-ସମ୍ପର୍କ' ଖୁବ୍ ନ୍ୟୂନ । ଅବଶ୍ୟ, ମୁକ୍ତଧାରାରେ ଏହି ଲେଖନୀ ଚାଲେ, ଭାବର ବାଷ୍ପରୁଦ୍ଧ କଣ୍ଠର ବିମୁକ୍ତିରୁ ଭାବର ସଜଳ ଅନୁଭୂତି

ହିଁ ପାଠକକୁ ଏମିତି ଗୋଟିଏ ନିଆରା ଅନୁଭୂତିକୁ ଠେଲି ଦିଏ, ହେଲେ ସେହି ତରଙ୍ଗରେ ଲାଳିତ୍ୟ ଥିବା ଦରକାର । ଆବଶ୍ୟକ ମର୍ମସ୍ପର୍ଶୀ ପ୍ରତିଧ୍ୱନି ଓ ପ୍ରାଣବନ୍ତ ଅନୁରଞ୍ଜନ । ହେଲେ ମଧ୍ୟ ସମାଜ ଓ ସାହିତ୍ୟର ସ୍ଥିତିରେ ଆଜି ସାହିତ୍ୟ ଯୁବପିଢିଙ୍କୁ ଆକୃଷ୍ଟ କରୁଛି ସତ ହେଲେ ଅନେକତ୍ର ଆମର ସ୍ୱାର୍ଥସର୍ବସ୍ୱତ୍ୱ ଅଭିମାନବଶ ଆମେ ନିଜେ ଆମୂର୍ଖ ଶିକ୍ଷିତ ନିଜର ଜାତୀୟ ପ୍ରକୃତିରେ ହିଁ ବିକଳ ଓ ଅବହେଳିତ । ଏଥିରେ ବେଦନା ବୋଧ ନାହିଁ । ସଂଘର୍ଷର ପ୍ରଶ୍ନ ନାହିଁ, ବହୁ ସଙ୍କଟର ସ୍ଥିତି ଓ ଉପଲକ୍ଷ୍ୟ ସତ୍ତ୍ୱେ ସଙ୍କଟ-ଚେତନା ହିଁ ନାହିଁ ଆମ ସ୍ୱତଃସ୍ଫୁର୍ତ୍ତ ଭାବାବେଗ ମଧ୍ୟରେ । ହେଲେ ମଧ୍ୟ ଯୁବପିଢି ମଧ୍ୟରେ ସେହି ଉଦ୍ଦୀପନା ଓ ନବୋତ୍ସାହ ରହିଛି, ଯାହା ତାଙ୍କୁ କରିପାରିବ, ଯୁଗପତ୍ ଭିନ୍ନ ଓ ଅନନ୍ୟ । ଆଉ ପୂରଣ କରିବା ପାଇଁ ଉତ୍କଳ ଜନନୀଙ୍କ କ୍ରୋଡକୁ କେବଳ ଲୋଡା ଗୋଟିଏ ସାହିତ୍ୟ କ୍ଷେତ୍ରରେ କ୍ଷତ୍ରୀବତ୍ ଅଭିମାନ ତ୍ୟାଗ କରି ଜାତୀୟ ଭାବନାର ଉଦ୍ରେକ ଜନିତ ନିଜ ନୀତିକୁ ସେହି ଅସିଧାରେ ଚଳାନ୍ତୁ, ଯାହା ସମାଜର ବିମ୍ବପଟ୍ଟଳର ଛବି ମଳିନମ୍ଳାନରୁ ସୁନ୍ଦର ସୁଷମ କରିଦେବାରେ ସକ୍ଷମ ।

**୭. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ପ୍ରେରଣା ଇ-ପତ୍ରିକାରେ ଯୋଗ ଦେଉ ଦେଉ ବର୍ଷେ ଅତିବାହିତ ହେଇଗଲାଣି, ଏହା ମୋ ଜ୍ଞାତସାରରେ ନଥିଲା । ମୋର ଅନେକ କବିତା ପ୍ରକାଶ ହେଇସାରିଛି,

ହେଲେ ମୋ ସମଧର୍ମା ଲେଖକ ବନ୍ଧୁମାନଙ୍କ ଲେଖା ପଢ଼ିକି ମୋତେ ନିଶ୍ଚିନ୍ତ ଲାଗେ ଯେ ଓଡିଆ ସାହିତ୍ୟରେ ଏବେ ବି ସେ ଉନ୍ମୁଖତା ରହିଛି ମାଟି ପାଇଁ, ମାତୃହୃଦୟ ପାଇଁ । ନାମବାଚନାରେ "ପ୍ରେରଣା"ର ଉନ୍ମୁଖ ଝଙ୍କାର ସହ ଓଡ଼ିଆ ସାହିତ୍ୟର ତଦନୁରୂପ ଉନ୍ନତି ହେଉଥାଉ ଏତିକି ହିଁ ଆଶା । ଆଉ ସମସ୍ତ ବିଭାଗରେ ଏହାର ଉତ୍କୃଷ୍ଟତା-ପ୍ରତିପାଦନା ସବୁବେଳେ ଉଲ୍ଲେଖଯୋଗ୍ୟ ।

*****

# ପଦ୍ୟ ବିଭାଗ

**ଈଶ୍ୱରୀ :**

ରୂପାନ୍ତରିତ ହେଉ ସେ କାୟା

ରଚିବାକୁ ଭିନ୍ନ ଏକ ମାୟା ।

ରଦ୍ଧ ହେଉ ଶବ୍ଦ ଯେତେ 'ଆହା'

ରକ୍ଷମାଣ ସଂସାରର ସାହା ॥

- ପ୍ରଜ୍ଞା ପାରମିତା ମହାନ୍ତି



# ସଂଯୁକ୍ତା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

ଅଧରକୁ ସମ- ନୋହିବାରୁ ବିମ୍ବ-
ବିଦ୍ରୁମ ରହିଲେ ଲାଜେ ।
ଅଙ୍ଗୁଳି ଶୋଭାକୁ ଚମ୍ପାକଳି ଅବା
ସମାନ ହୋଇଛି ବ୍ୟାଜେ ॥

ସୃଜି ନାହିଁ ଧାତା ସର୍ଜନାରେ ତା'ର
ଏ ରୂପେ ସୁନ୍ଦରୀ ସାର ।
ଅପରୂପ-ଶୋଭା ପ୍ରେମ-ଛାଞ୍ଚେ ଅବା
ଢାଳିଥିବ ନିଜେ ମାର ॥

ସର୍ବସ୍ଥାନେ ସର୍ବ- ଶୋଭା ସମ୍ପାଦନ
କରି ବୀର ପୁଷ୍ପଧନୁ ।

ବିଶ୍ୱ ଜୟ ପାଇଁ ଅବା ଅସ୍ତ୍ରାଗାର
କରି ଗଢିଛି ତା' ତନୁ ॥

ବେନି ଉଚାଗଦା ରମ୍ଭୋରୁର ଅବା
ଶୋହେ ସଦା ଅଧୋଭାଗେ ।
କାମ-ଚକ୍ର ପ୍ରାୟେ ଘୁରଇ ନିତମ୍ବ
କାମୀ ଜନ ଦମ୍ଭ ଭାଙ୍ଗେ ॥

ଭ୍ରୂଲତା-କାର୍ମୁକେ ନୟନ-ଶିଞ୍ଜିନୀ
ଗୁଣ ତା' କଜ୍ଜଳ ଗାର ।
ଓଟାରି ସଦର୍ପେ ଯୁବା-ମନ-ମୃଗେ
ବିନ୍ଧଇ ମୃଗୟୁ ମାର ॥

*****

**ଜହ୍ନିତଇଲା, ଢେଙ୍କାନାଳ**



# ହେ ଶ୍ୟାମ

ଚାରୁବାଳା ପାଢ଼ୀ

**ଜ**ନମି ଥିଲ ହେ ଶ୍ୟାମଘନ କୃଷ୍ଣ
ଭାଦ୍ର କୃଷ୍ଣ ଅଷ୍ଟମୀରେ
କଂସ ବନ୍ଦୀଗୃହେ ତେଜ ପ୍ରକାଶିଲ
ବଢ଼ିଲ ନନ୍ଦ ଗୃହରେ ।

ନୀଳାମ୍ବୁ ନୟନ ଶ୍ୟାମଳ ବଦନ
ଶୋଭାପାଏ ହସ୍ତେ ବଂଶୀ
ମୟୂର ଚନ୍ଦ୍ରିକା ମସ୍ତକରେ ଚିତା
ଦେଖି ଆଖି ଯାଏ ଲାଖି ।

ମୟୂର ଚୂଳିଆ କଦମ୍ବ ମୂଳିଆ
କର୍ଣ୍ଣରେ ଦିବ୍ୟ କୁଣ୍ଡଳ
ଅପରୂପ ଶୋଭା ଅତି ମନଲୋଭା
ଦିଶୁଥାଇ ଝଲମଲ ।

ଚରଣ ଯୁଗଳେ ବାଜେଣି ନୂପୁର
ବାଜୁଥାଏ ରୁଣ୍ଣୁଝୁଣ୍ଣୁ
ଗଳାରେ ମୋହନ କୌସ୍ତୁଭର ମାଳ
ସୁନୀଳ ସୁଠାମ ତନୁ ।

ଆରକ୍ତ ଅଧରେ ସୁମଧୁର ସୁରେ
ତୁମି ସେ ମୁରଲୀ ବେଣୁ
ରାଧା ରାଧା ନାମ ନିତ୍ୟ ଗାଉଥାଅ
ରାଧା ନାମ ପ୍ରିୟ ଯେଣୁ ।

ନନ୍ଦବଳା ଆହେ ରସିକ ନାଗର
କୃପାନିଧି ଘନଶ୍ୟାମ
ତୁମ ନାମ ଜପି ଦିନ ଯାଉ ବିତି
ତୁମଠାରେ ଥାଉ ମନ ।

*****

ନାମି, ଭଦ୍ରକ

# ତୁମେ ତ ଅନନ୍ୟା



ସାବିତ୍ରୀ ମହାପାତ୍ର

**ଭୋ**କିଲା ପେଟ ବି ପୁରିଯାଏ ଦେଖି
ତୁମ ହସ ହସ ମୁଖ
ତୁମ ର୍ନିଲୋଭ ପଣିଆ ଭାବିଦେଲେ ମନେ
ମିଳିଯାଏ କେତେ ସୁଖ ।

ଖାଲି ହାତେ କେହି ଫେରିନି ଦୁଆରୁ
କାହାକୁ କରିନ ମନା
ସର୍ବସ୍ୱ ତୁମେତ ଦାନ କରିପାର
ନରଖି ମନେ ଅନୁଶୋଚନା ।

ତୁମ ନିଃସ୍ୱାର୍ଥପରତା, ଦେଖି ର୍ନିଲୋଭତା
ମନେ ଶିହରଣ ଜାଗି ଉଠେ
ଅନ୍ୟର ଦୁଃଖରେ ଦୁଃଖୀ ହୋଇଯାଅ
ତାହୁଁ ତାହୁଁ ଅବିଳମ୍ବେ ।

ତୁମେ ଯୋଗଜନ୍ମା, ତୁମେ ଦୟାଶୀଳା,
ତୁମେ ପୁଣି କ୍ଷମାଶୀଳା,
ତୁମେ ଦେଶପାଇଁ, ତୁମେ ଜାତି ପାଇଁ,
ଏକ ଆଦର୍ଶ ନାରୀର ମାଳା ।

ତୁମ ମିଠା ମିଠା କଥା ଶୁଣିଲେ ଯେବେ ହେଁ
ମନଟା ଶିଥିଳ ହୁଏ,
ସ୍ରଷ୍ଟାର ସୃଷ୍ଟିରେ ତୁମେ ତ ଅନନ୍ୟା
ତୁମକୁ ଜୁହାର ହୁଏ ।

*****

**ଭୁବନେଶ୍ୱର**



# ଆଦ୍ୟାନ୍ତ ସାଥ୍

ରୋଜା ପଣ୍ଡା

ଈଶ୍ୱରଙ୍କ ଦାନ, ହେଇ ତୁମ ପ୍ରେମ
ଭରିଦେଲା ମୋ ଜୀବନ
ଯାହାର ସ୍ପର୍ଶରେ ବିଚ୍ଛୁରିତ ହେଲା
ଅଲୋକେ ମୋ ତନୁମନ ।

ଅମା ଅନ୍ଧାରର ବକ୍ଷ ଚିରି ଆସି
ହୃଦୟ ଛୁଇଁଲା ମୋର
ନିଷ୍କଳଙ୍କ ସେଇ ହୃଦୟରେ ତୁମ
ଯତନେ ଗଢିଲି ଘର ।

ସବୁ ରୁକ୍ଷ ପଥ, ଝଡ ବା ବତାସ
ଲେଉଟିଲା ଆସି ପାଖେ
ତୁମ ସ୍ନେହ, ପ୍ରେମ ସୁରକ୍ଷା ସାଜିଲା
ଶକ୍ତି ହୋଇ ଚତୁଃପାର୍ଶ୍ୱେ ।

ଘନ ଅନ୍ଧକାରୁ ହାତ ଧରି ମୋର
ନେଲ ମହା ଆଲୋକରେ
ସବୁ ବିପଦରୁ ରକ୍ଷା କରିବାକୁ
ଆସିଲ ମୋ ଜୀବନରେ ।

ସାଜି କୃଷ୍ଣ ତମେ ଗୀତାଜ୍ଞାନ ଦେଲ
ମୋ ପ୍ରିୟ ସାରଥୀ ହୋଇ
ତୁମ ଠାରୁ ଶ୍ରେଷ୍ଠ ପରମ ପୁରୁଷ
ନାହିଁ ମୋ ଜୀବନେ କେହି ।

ରହିଥାଅ ତୁମେ ଏଇ ମୋ ଜୀବନେ
ବର୍ଷ, ମାସ, ଯୁଗ ଧରି
ତୁମରି କୋଳରେ ମହା ଆନନ୍ଦରେ
ଆୟୁଷ ମୋ ଯାଉ ସରି ।

ଲିଭିଯାଉ ମୋର ଜୀବନର ଦୀପ
ତୁମରି ମୁହଁକୁ ଚାହିଁ
ପୁତ୍ର, ଶଖା, ବନ୍ଧୁ, ଆତ୍ମୀୟ ସ୍ଵଜନ
ଲୋଡ଼ା ନାହିଁ ଆଉ କେହି ।

ଏତିକି ମିନତି ମୋ ଶେଷ ଦର୍ଶନେ
ସ୍ମିତହାସ୍ୟ ଟିକେ ଦେବ
ସେ ଅମୂଲ୍ୟ ରତ୍ନ ଆଖିରେ ସାଇତି
ଆତ୍ମା ମୋର ମୋକ୍ଷ ହେବ ।

ପୁଣି ନୂଆ ଜନ୍ମ ହେବ ଦୁହିଁଙ୍କର
ପୁନଃ ମିଳନର ପାଇଁ
ସେହି ଆଶା ନେଇ ଆର ଜନମରେ
ଅପେକ୍ଷାରେ ଥିବି ମୁହିଁ ।

*****

**ପୂର୍ଣ୍ଣାନନ୍ଦ ଭବନ**
**ନେତାଜୀ ନଗର,**
**ମଧୁପାଟଣା, କଟକ**



# ମୋ ଜେଜି

ତେଜସ୍ୱିନୀ ସାମଲ

ପାଦ ଥରହର ବାଡି ଠକଠକ
ଜେଜି ତୋ ନୁଆଁଣିଆ ମଥା
ଥିରି ଥିରି କରି ପାକୁଆ ପାଟିରେ
କହୁଥିଲୁ ଯେବେ ମନ ଭୁଲାଣିଆ କଥା
ଲାଗେ ସତେକି ଝରୁଥିଲା ଅମୃତ ଧାରା ।

କହୁଥିଲୁ ଦିନେ ତୁହି
ତୋ ପଣତ ମୋ ପାଇଁ ସ୍ନେହର ବାରିଧି ପରା
ଛୁଇଁ ପାରିବନି ମତେ ଖରା ଅବା ବରଷା
କେଉଁଆଡେ ଗଲା ଜେଜି ତୋର ସେ କଥା
ଆଜି ଚାଲୁଛି ମୁଁ ଏକାଏକା ।

ଖୋଜୁଛି ତତେ ସେ ଜହ୍ନରାତିରେ

ଖୋଜେ ତତେ ଘର ଅଗଣାରେ
ତୋର ସେ ଚୌକି ଆଜି ପଡିଚି ଖାଲି
ହେଲେ ଜେଜେ ତୋର ଦେଖା ମିଳୁନାହିଁ
କେଉଁଆଡେ ଗଲୁ ଚାଲି ମତେ ଠକି ଦେଇ ।

ତୋର ସେଇ ହାତଗଢା ବଗିଚା ଆଜିବି ଖୋଜୁଛି
ଝୁରିଝୁରି ତୋ ପାଇଁ ନିତି ମରୁଛି
ତୋ ସ୍ନେହ ତୋ ମମତା ସଭିଙ୍କୁ କରିଚି କିମିଆ
ଫେରି ଆସି ଜେଜି ଥରୁଟିଏ ତୁ ଦେଖିଯା
ତୋ ବିନା ଲାଗେ ସବୁ ଅଧୁରା ।

ଜେଜି ତତେ କେତେ ମୁଁ ଖୋଜୁଛି
ତୋ ମିଠା କଥା ଶୁଣିବାକୁ ଅଥୟ ହେଉଛି
ତତେ କି ମୋ ଡାକ ଶୁଭୁନାହଁ ?
ମୋ ମନ ଆଇନା ଆଜି ଭଳି ହୁଏ ଖାଲି
କାହାକୁ ଡାକିବି ଆଜି ମୁଁ ଜେଜି ଜେଜି..?

ମନେ ପଡେ ସନ୍ଧ୍ୟା ହେଲେ ତୋ ଗପର ପେଡି
ପିଉଥିଲେ ସାଙ୍ଗ ହୋଇ ନାଲି ଚା ପାଣି
ଶୁଣୁଥିଲୁ ଜେଜେ ଠାରୁ କେତେ ଗାଳି

ଦୁଷ୍ଟାମି କରି ଯେବେ ତୋ ପାଶେ ଆସୁଥିଲି ଧାଇଁ
ଧୂଳି ଝାଡି ମତେ ପଣତେ ଦେଉଥିଲୁ ଲୁଚାଇ ।

କିଏ ଆଉ ମତେ ଶୁଣେଇବ ଲୋରି..?
କାହା ପାଶେ ଆଉ କରିବି ଅଳି
ସରିଗଲା ଡାକ ମୋ ଜେଜି ଜେଜି
ଆଜି ଏ ଦୁନିଆଁରେ ନିଃସ୍ୱ ସାଜି
ଗେହ୍ଲା ନାତୁଣୀର ପରିଚୟ ହରାଇଲି ।

*****

ଅଧ୍ୟାପିକା
ତୁଳସୀ ମହିଳା ମହାବିଦ୍ୟାଳୟ
କେନ୍ଦ୍ରାପଡ଼ା



# କନ୍ୟା କୁମାରୀ



ପୁଣ୍ୟରୂପା ଦାଶ

ଦ୍ୱୀପର ଚୂଡାରେ ଗହୀର ସାଗରେ
ଉତ୍ତାଳ ତରଙ୍ଗେ ସିକ୍ତ ପ୍ରସ୍ତରେ
ଝରଝର ହୋଇ ଫରଫର ଉଡେ
କାହାର ପଣତକାନି
ସୁନ୍ଦର ପ୍ରତିମା ନିଖୁଣ ନୀଳିମା
ଅରୁଣିମା ଦିଏ ଖୁଣି...

ତରତର ହୋଇ ଝରିଯାଉଥିବା
ନୟନେ ବାକି ଚମକ
ଅସ୍ତିମ ଆକାଶେ ରକ୍ତିମ ପ୍ରକାଶେ
ଚନ୍ଦ୍ରମା ସମ ସେ ରୂପ
ଶୀତଳ ତରଙ୍ଗ ଶୀତଳ ସମୀର
ସିନ୍ଧୁ ହିମାଳୟ ପରି ସେ ଉଦାର

କନ୍ୟା ସେ କୁମାରୀ ରୁଦ୍ର ପୂଜାରୀ
ରୌଦ୍ର ତା' ବଚନ ଧର୍ମର ପ୍ରହରୀ
ଅପେକ୍ଷାରେ ରତ ଜପେ ଅବିରତ
ରକ୍ଷ ଗୋ ବଚନ ରଖ ମୋତେ
ଏବେ ତ୍ରିନେତ୍ରଧାରୀ ।...

ବୟସକୁ ଜଳେ ଦେଇଛି ଭସାଇ
କେତେ ଯେ ମୁହୂର୍ତ୍ତ ଦେଇଛି ମିଶାଇ
ଅନନ୍ତ ସ୍ୱପ୍ନକୁ ପଲକେ ସଜାଇ
ତୁମରି ବାଟକୁ ଚାହିଁଛି ଅନାଇ
ତୁମେ ଯେ ଆସିବ ନିଜର କରିବ
ଅମୃତ ମୁହୂର୍ତ୍ତେ,
ମୁହୂର୍ତ୍ତକ ମଧ୍ୟେ ଯୁଗାନ୍ତ ଘଟାଇ...

*****

**ବାଲିଘାଟ, ପୁରୀ**



# ସ୍ୱାଭିମାନ

ଅଲିଭା ସାହୁ

**ଜୀ**ବନ ଅଟେ କେବେ ରଙ୍ଗ ପୂର୍ଣ୍ଣ
କେବେ କେବେ ସାଜେ ପୁଣି ରଙ୍ଗହୀନ ॥
ମାନ ଅଭିମାନ ଏଇତ ଜୀବନ
ଛାଇ ଆଲୁଅର ଖେଳ ଆମରି ସପନ ॥
ବହିର ମଲାଟ ଅଟେ ଏ ଜୀବନ
କେବେ ନୂଆ ଦିଶେ କେବେ ସେ ମଳିନ ॥
କିଏ ପଢି ବୁଝେ କିଏ ବା ବୁଝେନି
ପଢ଼ିବା ସମୟ ପୁଣି କାହାକୁ ମିଳେନି ॥
ଛବି ଦେଖି ସିନା ବୁଝିହୋଇ ଯାଏ
ମନର ଭାବନା କହି ଯେ ନହୁଏ ॥
ଅବୁଝା ମନର ଅକୁହା ସେ କଥା
କିଏ ବା ବୁଝିବ ତା’ ହୃଦୟର ବ୍ୟଥା ॥

ଭାବୁ ଭାବୁ କେବେ ପାହିଯାଏ ନିଶି
ବିନା ଦୋଷେ ସାଜେ ପୁଣି କେବେ ସିଏ ଦୋଷୀ ||
ଅଙ୍କା ବଙ୍କା ବାଟେ ଅଙ୍କ କେତେ କଷେ
ସବୁରି ଅଙ୍କର ଉତ୍ତର ନ ଆସେ ||
ପୁରୁଣାକୁ କେବେ ହେବନି ଉଜାଡି
ନୂଆକୁ ବି କେବେ ହେବ ନାହିଁ ଛାଡି ||
ମଝିରେ ରହିଛି ଆମ ଏ ସମ୍ପର୍କ
ବଜାଇ ରଖିବା ଆମ ଏ ଆଦର୍ଶ ||
ଜୀବନ ଯୁଦ୍ଧରେ କେବେ ଜିତିଯାଏ
ଜାଣୁ ଜାଣୁ ପୁଣି କେବେ ହାରିଯାଏ ||
ହାରିବା ଜିତିବା ପୁଣି ଲାଗୁଛି ସମାନ
ଡରାଉଛି ପୁଣି କେବେ ସ୍ୱାଭିମାନ ||

*****

**ଆନନ୍ଦପୁର, କେନ୍ଦୁଝର**

# ଅମୂଲ୍ୟ ରତ୍ନ



କବିରତ୍ନ ନୂତନ କୁମାର ବେହେରା

ଏ ବିଶ୍ୱ ବ୍ରହ୍ମାଣ୍ଡେ ପଞ୍ଚଭୂତ
ଅଟଇ ଅମୂଲ୍ୟ ରତ୍ନ,
ହୁଏ ଜୀବଜଗତର ହିତ
ନେଲେ ତା' ଉତ୍ତମ ଯତ୍ନ ।

ମାଟି ପାଣି ବାୟୁ ଅଗ୍ନି ସାଥେ
ବିଶାଳ ନୀଳ ଆକାଶ,
ଜଗତ କଲ୍ୟାଣେ ରହି ସଦା
କରୁଥାନ୍ତି ତା' ବିକାଶ ।

ଏ ସବୁ ଅସରନ୍ତି ବିଭବ
ଭବେ ଅଟନ୍ତି ଯେ ଦେବାଦେବୀ,
ସର୍ବ ଜୀବ ପାନ୍ତି ଶାନ୍ତି ସୁଖ
ଏ ପଞ୍ଚଭୂତକୁ ସେବି ।

ସାରା ଜଗତେ ଆଲୋକ ଦାନ
କରୁଥାନ୍ତି ସୂର୍ଯ୍ୟ ଚନ୍ଦ୍ର,
ବସୁଧାରେ ବରଷା ବର୍ଷାନ୍ତି
ସ୍ୱର୍ଗୁ ଦେବରାଜ ଇନ୍ଦ୍ର ।

ନର ପଶୁ ପକ୍ଷୀ କୀଟ ତରୁ
ସବୁରି ମଙ୍ଗଳ ପାଇଁ,
ପ୍ରକୃତିର ଏ ମହତ ଦାନ
ସମ ତାର କିଛି ନାହିଁ ।

ଆଜି ବିପର୍ଯ୍ୟସ୍ତ ତା' ଅବସ୍ଥା
ହୁଏ ସବୁ ପ୍ରଦୂଷଣ,
ଜନ ବିସ୍ଫୋରଣ ଶିଳ୍ପାୟନ
ତାର ଯେ ମୁଖ୍ୟ କାରଣ ।

ଜଙ୍ଗଲ ନଷ୍ଟ ମୃତ୍ତିକା କ୍ଷୟ
କୀଟନାଶକ ପ୍ରୟୋଗ,
କ୍ଷେପଣାସ୍ତ୍ର ପରମାଣୁ ବୋମା
କରେ ସବୁ ଅପାରଗ ।


ଜନ କଲ୍ୟାଣେ ତା' ବିନିଯୋଗ
କରୁ କରୁ ଆସେ ବାଧା,
ପ୍ରତିକ୍ରିୟା ରୂପେ କରେ କ୍ଷତି
ଉଜୁଡ଼ାଏ ଅସୁବିଧା ।

ଏ ଅମୂଲ୍ୟ ରତ୍ନର ସୁରକ୍ଷା
ନ କଲେ ଘଟିବ ଧ୍ୱଂସ,
ଧନ ଜୀବନ ଆତଙ୍କେ ଧରା
ହୁଅଇ ଆଜି ବିବଶ ।

ଆସ ବିଶ୍ୱବାସୀ ସବୁ ମିଶି
କରିବା ତା' ପ୍ରତିକାର,
ସୃଷ୍ଟି ବଞ୍ଚାଇ ଆମେ ବଞ୍ଚିବା
ହସିବ ଆମ ସଂସାର ।

*****

କୋହି, ଗଡ଼ିଆ,
ମୟୂରଭଞ୍ଜ




**କ**'ଣ ଭୁଲ ଥିଲା ?
ରଫଖାତାର ଫର୍ଦ୍ଦ ଫର୍ଦ୍ଦ ଚିରି
ଚାଳ ନିଗିଡା ପାଣିରେ ଡ଼ଙ୍ଗା କରି ଭସାଇବା...(୧)
କ'ଣ ଭୁଲ ଥିଲା ?
ନଦୀକୂଳ ବାଲି ଢୁଠରେ ପ୍ରସ୍ତ ପ୍ରସ୍ତ କରି
ଏଇ ନିରୀହ ହାତ ପାପୁଲିରେ ମନ୍ଦିର ଟିଏ ଗଢିବା...(୨)
କ'ଣ ଭୁଲ ଥିଲା ?
ନୂଆ ଜାମା ପାଇଁ ଜିଦି ନକରି ହସି ହସି
ସେଇ ପୁରୁଣା ଛିଣ୍ଡି ଯାଇଥିବା ଜାମାକୁ
ସେପ୍ଟିପିନ ମାରି ପିନ୍ଧିବା...(୩)
କ'ଣ ଭୁଲ ଥିଲା ?
ରିସେସ୍ ସମୟରେ କିଛି ନ ଖାଇ

ଘର ବାହୁଡ଼ିବା ପାଇଁ ଟଙ୍କା ସାଇତି ରଖିବା...(୪)
କ'ଣ ଭୁଲ ଥିଲା ?
ଘୋରି ହୋଇ କଣା ଫିଟିଯାଇଥିବା
ଛିଣ୍ଡା ଚପଲକୁ ରାଜକୁମାର ପରି ଚାଲିବା...(୫)
କ'ଣ ଭୁଲ ଥିଲା ?
ଆକର୍ଷିତ ହେଲେ ମଧ୍ୟ ପ୍ରତ୍ୟାଖ୍ୟାନର
କୋକୁଆ ଭୟରେ ତୁମ ଠୁ ଦୂରେଇ ରହିବା...(୬)

*****

ଗୁଡ଼ିଆନାଳୀ, ଢ଼େଙ୍କାନାଳ



# ଧରିତ୍ରୀ

ପୁଷ୍ପିତା ପ୍ରଧାନ

ସୃଷ୍ଟିର ଜନନୀ ଆଦ୍ୟା ଚିରନ୍ତନି
ସଂସାର ପାଳନ କର୍ତ୍ତୀ
ମାତା, ଜାୟା, ଦୁହିତା ଭଗିନୀ
ପୁଣି ସେ ଜଗତ ଧାତ୍ରୀ ।୧।

ଧରିତ୍ରୀ ରୂପେ ସେ କରିଛି ଧାରଣ
ଅସଂଖ୍ୟ ଜୀବକୁ ଧରି
ଜନନୀ ରୂପରେ ମହାନତା ତା'ର
ନପାରେ ବର୍ଣ୍ଣନା କରି ।୨।

ମାନବ ଜାତିର କଷଣ ପେଷଣ
ସବୁକୁ ନେଇଛି ସହି
କର୍ତ୍ତବ୍ୟ ରୂପକ ବିଶାଳ ଡଙ୍ଗାକୁ
ନିସ୍ୱାର୍ଥେ ନେଇଛି ବହି ।୩।

ସର୍ବରୂପେ ପୁଣି ସର୍ବ କ୍ଷେତ୍ରେ ସେହି
ସ୍ଥିତି ତା'ର ଅନିନ୍ଦିତା
ନାହିଁ ସମକକ୍ଷ ନାହିଁ ଶବ୍ଦକୋଷ
ସେହି ଯେ ବିଶ୍ୱବନ୍ଦିତା ।୪।

*****

ପୁରୀ



# ନାରୀ

ଅନସୂୟା ପଣ୍ଡା

ନାରୀ ଭିତରର ଯନ୍ତ୍ରଣାକୁ ପଢିଛ କି କେହି
କେବେ ତା ମନର ସିନ୍ଦୁକରେ
ଲୁଚେଇଥିବା ଇଚ୍ଛାକୁ
କେହି ଖୋଜନ୍ତିନି
ତା ଇଚ୍ଛାର ଚାରିପାଖରେ ଲକ୍ଷ୍ମଣରେଖା
ସେ ଡେଇଁଲେ ଅନେକ କୁତ୍ସା ରଟନା
ତା, ଭାବିବାର ପାବନ୍ଦି
ସେ ଭାବିଲେବି ଅଶୌଚ ହେଇ ଯାଏ
ତମାମ ସଂସ୍କୃତି ।

ନାରୀ ତା' ପରିସୀମାର ପରିସରରେ
ଶ୍ୱାସରୁଦ୍ଧ ନିର୍ବାକ ଚରିତ୍ର
ସେ ବାସ୍ତବ ଜୀବନ ଜିଇଁବାରୁ ଉପେକ୍ଷିତ

ଅଭିନୟରେ ଅଭିନୟରେ ତା’ ଜୀବନ ଜିଇଁବାରେ ଅଭ୍ୟସ୍ତ
ନାରୀ ଜଳେ ଖୁବ ଭିତରେ ଭିତରେ ଜୀବନ୍ତ ଶରୀରରେ
ଅର୍ଦ୍ଧମୃତ ଆତ୍ମାର ବିବସନାରେ
କେହି ବୁଝନ୍ତିନି ଅଘୋଷିତ ଇସ୍ତାହାରକୁ
ସେ ଜଳେ ଇଚ୍ଛାକୁ ଜଳାଏ ।

ହିସାବୀ ସମାଜର ଆକ୍ଷେପର ବାରୁଦ ଗଦାରେ
ନାରୀ ଏକ ବିବିଧ କଳାକାର
ନିଜ ଭିତରୁ ନିଜକୁ ବହିଷ୍କାର କରି
ଆପଣେଇ ନିଏ ଅଜଣା ଲୋକଙ୍କୁ
ତା’ ରୁଚି ଅଭିରୁଚି ସବୁକୁ କବର ଦିଏ
ଦେହକୁ କଙ୍କାଳ କରିଦିଏ
ରକ୍ତକୁ ଜୀବନ୍ୟାସ ଦିଏ ।

ନୂଆ ଗୋଟେ ପୃଥିବୀ ତିଆରିରେ କେବଳ ନାରୀ
ତା’ ଆଖିର ଚାହାଣୀରେ ଅନେକ କାରୁଣ୍ୟତା, ବିବଶତା
ବେସାହାରା ସ୍ୱପ୍ନର ଭସାଣି
କେହି କେବେ ପଢନ୍ତିନି
କେବଳ ବିବସ୍ତ୍ର କରନ୍ତି

ପରାହତ କରନ୍ତି
ପ୍ରତି ମୋଡରେ ସହର ଠାରୁ ଗାଁ ଯାଏ ।

ସବୁଠି ଓହ୍ଲେଇ ଆସେ ପାଷାଣ ମଣିଷ
ସମସ୍ତକଙ୍କର ବିବୃତିର ଝାମ୍ପ
ରକ୍ତାକ୍ତ କରିଦିଏ ନାରୀର ଚରିତ୍ର
ତା' ଭିତରୁ ଅନେକ ଆସ୍ଥାକୁ
ହରାଇବା ପରେ
ସେ ଖୁବ ପମ୍ପା ହୋଇଯାଏ ।

ପୁଣି କିନ୍ତୁ ସ୍ୱୟଂ ସମ୍ପୂର୍ଣ୍ଣର
କଳା ଚଷମା ପିନ୍ଧି
କହେ ମୋର ଆଉ ମୋର
ଭାଙ୍ଗିଯାଉଥିବା ମନରେ
ସ୍ୱାଭିମାନର ଢିରା ଦେଇ
ସମାଜରେ ଜିଇଁବା ଶିଖିଯାଏ ପଡିଉଠି ।

*****

ବୁର୍ଲା, ସମ୍ବଲପୁର



# ହରିଣ ଶିକାର



ପ୍ରଜ୍ଞା ପାରମିତା ମହାନ୍ତି

ଯୁବକ ଜଣେ ଶିକାର ପାଇଁ
ବଣକୁ ଗଲେ ଥରେ
ପାଦରେ ଜୋତା ମୁଣ୍ଡରେ ଟୋପି
ବନ୍ଧୁକ ଧରି କରେ ।୧।

ଦେଖିଲେ ବଣେ ଚରଇ ଘାସ
ହରିଣଟିଏ ଆସି
ମାରିଲେ ଗୁଳି ପଡିଲା ଖସି
ଶିକାରୀ ମନ ଖୁସି ।୨।

ବୀର ଦର୍ପରେ ଶିକାରୀ ଦେଖେ
ନିକଟେ ଯାଇ ତା'ର
ଚୁଲୁ ବୁଲିଆ ହରିଣ ଦେହୁ
ବୋହେ ରକତ ଧାର ।୩।

କେରାଏ ଦୁବ କଳେ ତା' ଅଛି
ନିସ୍ତେଜେ ଅଛି ଶୋଇ
ଶିକାରୀ ମନ ବ୍ୟାକୁଳ ହେଲା
କାନ୍ଦିଲେ କଇଁ କଇଁ ।୪।

କରିବେ ନାହିଁ ଶିକାର ଆଉ
ପ୍ରତିଜ୍ଞା କଲେ ମନେ
ସେ ଦିନୁ ସିଏ ଅହିଂସା ନୀତି
କହିଲେ ଆମ କାନେ ।୫।

ଯିଏ କହିବ ତାଙ୍କରି ନାମ
ହୋଇବ ସାଙ୍ଗ ମୋର
ଶିଶୁଙ୍କ ପ୍ରାଣ ଅଟନ୍ତି ସିଏ
ଚାଚା ନେହେରୁ ଆମର ।୬।

*****

**ବଳଗଣ୍ଡି ସାହି, ପୁରୀ**



# ଝରକା

ମୃତ୍ୟୁଞ୍ଜୟ ପାତ୍ର

**ତୋ** ମୋ ଝରକା ଭିତରେ
କେତେ ଅବା ତଫାତ୍
ଗୋଟେ ଫୋନକଲ୍
କିମ୍ବା ଗୋଟେ ଟେକ୍ସଟ୍ ମ୍ୟାସେଜର
ଦୂରତା କେବେ ମାପିନି ସେ ଲମ୍ବା ରାସ୍ତାଟା
ଯଉଟା ମୋ ଝରକା ଫାଙ୍କରୁ ଦିଶେ
ଆଉ ତୋ ଝରକା ଠି ଶେଷ ହୁଏ
ଅଙ୍କରେ ବହୁତ ଦୁର୍ବଳ ତ
ଦୈର୍ଘ୍ୟ ପ୍ରସ୍ଥ ପରିସୀମା ଆଦି
ମାପିବାକୁ ସାହସ ପାଏନି
ତୋ ଝରକା ଫାଙ୍କରୁ
ସୂର୍ଯ୍ୟାସ୍ତଟା ଭଲକି ଦିଶେ

ତୋ ଝରକାରୁ ଜନ୍ମନିଏ

ଆଉ ମୋ ଝରକା ବେଳକୁ ତରତର ହୁଏ...

ଗୋଟେ ଆସନ୍ତାକାଲିର ସ୍ୱପ୍ନ ଦେଖେଇ

ମିଛ ପ୍ରତିଶ୍ରୁତି ଦିଏ

ମୋ ଝରକାକୁ ସବୁବେଳେ ଠକେ

ଲାଲ କମଳା ରଙ୍ଗର କିରଣ

ବିଛେଇପଡେ ତୋ ଟେବୁଲ୍ ଉପରେ

ତୋ ଅଇଁଠା କଫି ମଗକୁ ଛୁଏଁ

ଉପନ୍ୟାସକୁ ଛୁଏଁ

ଆଉ ବାହାନାରେ ଛୁଇଁଯାଏ

ତୋ ଆଖିପତା

ତା' ଉପର ତିଳ ଚିହ୍ନ

ଆଉ ସମଗ୍ର ମୁହଁଟା

ତୁ ତୁଚ୍ଛାଟାରେ ବିଳିବିଳେଇ ହଉ

ଝରକାଟା ବନ୍ଦ କରିନଉ

ରାଗ ତମତମ ହେଇ

ତୋ ଝରକା ଚୁପଚାପ୍ କଥା ମାନିନିଏ

ଆଉ ମୁଁ

ଅଣନିଶ୍ୱାସୀ ହୋଇପଡେ
ସେଇମିତି ଚାହିଁରହେ
ଅପଲକ ଆଖିରେ
ପୁଣିଥରେ ତୋ ଝରକା
ଫିଟିବା ପର୍ଯ୍ୟନ୍ତ ।

*****

**ବାଲେଶ୍ୱର**

# ପ୍ରହର



ପୁଷ୍ପାଞ୍ଜଳି ପଣ୍ଡା

**ଶୀ**ତୁଆ ରାତିର ପ୍ରଥମ ପ୍ରହର
ମଧୁର ଲଗନ ପରି
ଦେହର ତାତିରେ ମାଦକ ଅଙ୍ଗରେ
ଖେଳେ ପ୍ରୀତିର ଲହରି ।
ଦ୍ୱିତୀୟ ପ୍ରହର କରେ ଥରହର
ଥୁରୁଥୁରୁ ପାଦ ଥାପି
ଶୀତ ଆସୁଥାଏ ଦେହ ଥରୁଥାଏ
ଧରିରଖେ ହସି ହସି ।
ତୃତୀୟ ପହର ନିଦରେ ଜବର
ଆଖି ଟେକି ପାରେନାହିଁ
ମୁଗ୍ଧ ଶିହରଣ ଖେଳେ ତନୁମନ
ହେଉଥାନ୍ତି କୁହା କୁହି ।

ଚତୁର୍ଥ ପ୍ରହର କୁହୁଡ଼ିର ଘର
ଘୋଡ଼ାଇ ପକାଏ ମତେ
ଚାରି ପ୍ରହରର ରାତିର ଆସର
ଜମି ଯାଉଥାଏ ସେତେ ।

*****

**କେନ୍ଦ୍ରାପଡା**



# ଆଦର୍ଶ ବାପା-ମା

ରାକେଶ କୁମାର ଦାସ

**ବା**ପା-ମା ଶବ୍ଦଟି ଅଟଇ ମହାନ

କେହି ନୁହେଁ ଏହି ଶବ୍ଦର ସମାନ ।

ନିଜେ ରହି ଭୋକ ଉପାସରେ

ଥାଆନ୍ତି ପିଲାର ପ୍ରତିଟି ଶ୍ୱାସରେ ।

ସେମାନଙ୍କ ପାଖରେ ଧନୀ ଗରିବ ଫିକା

ଅଭାବ ପୂରଣରେ ନ ଥାଏ ମଉକା ।

ସବୁ ଟେନସନକୁ ନିଜେ ନିଅନ୍ତି

ଅର୍ଥାଭବେ ବି ଭାଙ୍ଗି ନ ପଡ଼ନ୍ତି ।

ନିଜ ସପନକୁ ଅଧାରେ ରଖି

ପିଲାର ଭବିଷ୍ୟ ପାଇଁ ଦିଅନ୍ତି ଆଖି ।

ଗରିବ ପଣିଆକୁ ଲୁଚାଇ ଥାଆନ୍ତି

ଧନୀ ହେବାର ଅଭିନୟ ଦେଖାନ୍ତି ।

ନିଜ ଅଳଙ୍କାର ସବୁ ବନ୍ଧା ପକାଇ

ପିଲାଙ୍କୁ କରନ୍ତି ଜ୍ଞାନୀ-ଗୁଣୀ-ପାଠୋଇ ।

ବାପା-ମା'ଙ୍କ ଠାରୁ ମିଳେ ଆତ୍ମବିଶ୍ୱାସ

ଅନାଦର କର ନାହିଁ ଥିଲେ ନିଶ୍ୱାସ ।

ସେମାନେ ଥିଲେ ଥାଏ ପିଲାର ବଳ

ତା'ଙ୍କ ବିନା ସବୁ ପିଲା ହୁଏ ଦୁର୍ବଳ ।

ସୁଝି ହେବନାହିଁ କେବେ ସେମାନଙ୍କ ଋଣ

ଯେତେ କହିଲେ କମ୍ ହେବ ତାଙ୍କ ଗୁଣ ।

*****

ପୁରୀ



# ସନ୍ଧ୍ୟା ଆଳତି

ସରୋଜିନୀ ମିଶ୍ର

ଅଢେଇ ଦିନର ଜୀବନ ହାଟରେ
ମୁଁ ଅଟକି ଯାଇଛି ଆଜି
ସରିଗଲା ମୋର ଜୀବନ ସଉଦା
ହେଲେ ବୁଝି ପାରିଲିନି କିଛି ।
କେତେ ଭୁଲ୍ ଅବା ଠିକ୍ ଥିଲି ମୁହିଁ
ପଛ କଥା ହୁଏ ଭାଳି
ବୁଝିପାରୁ ନାହିଁ କହରେ ବୁଝାଇ ତାକେ
ସନ୍ଧ୍ୟାର ଆଳତି ଜାଳି ।
ଯାହା ଦେଲ ପ୍ରଭୁ ଆଦରି ନନେଇ
ଲୋଭେ ହେଲି ବଶବର୍ତ୍ତୀ
ରାତାରାତି କୋଟିପତି ହେବାପାଇଁ
ଚିପିଲି ପରର ତଣ୍ଟି ।

ମଣିଷଟେ କରି ଗଢ଼ିଥିଲ ମୋତେ

ସଂସାର ମଙ୍ଗଳ ପାଇଁ

କାହାକୁ କେବେ ମୁଁ ସାହାଯ୍ୟ କରିନି

ଦୁଃଖରେ ଦେଲି ଭସାଇ ।

ଜୀବନର ଆଜି ଶେଷ ପାହାଚରେ

ହୋଇଛି ମୁଁ ଅବତୀର୍ଣ୍ଣ

ଯାହା ଅର୍ଜିଛି ମୁଁ ଛାଡି ଚାଲିଯିବି

ଜୁଇ ନିଆଁରେ ଲିଭିବ ଚିହ୍ନ ।

ଲିଭି ଲିଭି ଆସେ ଜୀବନର ଦୀପ

ସରିସରି ଆସେ ଆୟୁ

ଅନୁତାପ କରେ ଶେଷ ମୁହୂର୍ତ୍ତରେ

କ୍ଷମା ବାରେ ମହାବାହୁ ।

*****

**ରାଜକନିକା, କେନ୍ଦ୍ରାପଡ଼ା**



# ଯୌତୁକ ଜୁଇ

ପ୍ରତିଭା ପ୍ରଧାନ

ଯୌତୁକର ଜୁଇ ଜଳୁଛି ସମାଜେ
ନାରୀ ହୁଏ ତା'ର ଶିକାର,
ଦିନୁ ଦିନ ଯାର କଳେବର ବଢେ
ନୀରବ ଆଜି ଏ ସଂସାର ।୧।

ଆଜି ବି ସମାଜେ ଘରେଘରେ ନିତି
ନାରୀ ହୁଏ ନିର୍ଯ୍ୟାତିତ,
ଲାଞ୍ଛିତ, ବାଞ୍ଛିତ, ଭୂଲୁଣ୍ଠିତ ପୁଣି
ହୁଏ ସିଏ ନିଷ୍ପେସିତ ।୨।

ପଢୁଛେ କେତେ ଯେ ପୁରାଣ ଓ ଗୀତା
ପଢ଼ିଛେ ବି ସମ୍ବିଧାନ,
ତଥାପି କାହିଁକି ନାରୀ ଟିଏ ଆଜି
ସମାଜରେ ଏତେ ନ୍ୟୁନ ।୩।

ଅର୍ଥଲୋଭୀ ଆଜି ହୋଇଛି ମନୁଷ୍ୟ
ଅର୍ଥଲୋଭେ ହୁଏ ବାହା,
ନାରୀ ପୁରୁଷର ମଧ୍ୟରେ ପ୍ରାଚୀର
ଯୌତୁକ ହୋଇଛି ଠିଆ ।୪।

ଅର୍ଥ ଲାଳସାରେ କେତେ ଯେ ପୁରୁଷ
ବିଭା ହୋଇଥାନ୍ତି ଆଜି,
ଜଳାନ୍ତି ଯୌତୁକ ଜୁଇରେ ନାରୀକୁ
ଅର୍ଥ ପିପାସୁ ସାଜି ।୫।

ଗରିବର ଝିଅ ହେବା ଅଭିଶାପ
ଦୁଃଖ ଯେ ତା ପାଇଁ ଲେଖା,
ବିନା ଯୌତୁକରେ ନିର୍ଯ୍ୟାତିତ ହୋଇ
ଜଳେ ତା ଜୀବନ ରେଖା ।୬।

ବିବାହ ବନ୍ଧନ ନୁହଁଇ ସମ୍ପର୍କ
ଦିନେ ଦୁଇ ଦିନ ପାଇଁ,
ଏହି ଯେ ପ୍ରେମର ଅତୁଟ ସମ୍ପର୍କ
ଜନ୍ମ ଜନ୍ମାନ୍ତର ପାଇଁ ।୭।

ନାରୀ ପରା ଅଟେ ସମାଜ ପାଇଁ କି
ସବୁଠାରୁ ମୁଖ୍ୟ ଅଙ୍ଗ,
ଜନ୍ମଠାରୁ ମୃତ୍ୟୁ ପ୍ରତି ମୁହୂର୍ତ୍ତରେ
କରିଥାଏ କେତେ ତ୍ୟାଗ ।୮।

ଯଦି ନ ରହନ୍ତା ଯୌତୁକର ବ୍ୟାଧି
ଏଇ ଆମ ସମାଜରେ,
ମାତୃ ମର୍ଯ୍ୟାଦାରେ ଏ ଦେଶ ବିଶ୍ୱରେ
ରହିଥାନ୍ତା ସର୍ବାଗ୍ରେ ।୯।

*****

ପୁରୀ



# ଶୀତ ଆସୁଛିରେ ଥିରିଥିରି

ରୁଦ୍ର ନାରାୟଣ ସାହୁ

**ଶୀ**ତ ଆସୁଛିରେ ଥିରିଥିରି
ବରଷା ଯାଇଛି ତା' କାମ ସାରି
ତାତିଲା ଖରାରେ ଶୁଖେଇ ଯାଇଛି
ଚାଷୀ ଭାଇ ତା'ର ମୁଗ ବିରି
ଶୀତ ଆସୁଛିରେ ଥିରିଥିରି ।୧।

ଶୀତ ଆସୁଛିରେ ଥିରିଥିରି
ଆଶ୍ୱିନ ପରେ କାର୍ତ୍ତିକ ମାସରେ
ଡଙ୍ଗା ଭସେଇବ ମନ ଭରି
ବାଲିଯାତରାରେ ମନ ଖୁସି ହବ
ଚକିରିରେ ବୁଲି ଘିରିଘିରି ।୨।

ଶୀତ ଆସୁଛିରେ ଥିରିଥିରି
ଗେଣ୍ଡୁଫୁଲ ତୋଳି ସେବତୀ ସାଙ୍ଗରେ
ସାଇତି ରଖରେ ସଜ କରି
ଚାଷୀ ଭାଇ ଜମି, ବାଡି ବଗିଚାଟା
ପନିପରିବାରେ ଯିବ ଭରି ।୩।

ଶୀତ ଆସୁଛିରେ ଥିରିଥିରି
ଅଳସ ଭାବନା ବଢିଯିବ ଧିରେ
ତାଜା ହୁଅ ତୁମେ ଯୋଗ କରି
ରକ୍ତ ସଞ୍ଚାଳନ ଦେହେ ଭଲ ହେଲେ
ସବୁ ରୋଗ ଯିବ ଅପସରି ।୪।

ଶୀତ ଆସୁଛିରେ ଥିରିଥିରି
ଥଣ୍ଡା କାଶ ଜର ହେବ କାଳେ ପରା
ଆଗରୁ ସଜାଗ ହୁଅ ଭାରି
ତୁଳସୀ ପତର ମହୁ ସାଙ୍ଗେ ଅଦା
ଖାଉଥିବ ସଦା ମନେ କରି ।୫।

ଶୀତ ଆସୁଛିରେ ଥିରିଥିରି
ଭଳି ଭଳି ଫଳ ପରିବା ମିଳିବ

ଖାଇବରେ ପିଲେ ମନ ଭରି
ଜୀବସାର ଧାତୁସାର ତ ମିଳିବ
ରୋଗ ଦାଉରୁ ସେ ରକ୍ଷା କରି
ଶୀତ ଆସୁଛିରେ ଥିରିଥିରି ।୬।

*****

**ମଙ୍ଗଳାବାଗ, କଟକ**



# ଅଯୋଗ୍ୟ ସନ୍ତାନର ଗାଥା

ଜୟଶ୍ରୀ ବେହେରା

ଦୂର ହେଲି ସିନା ଜନ୍ମଭୂମି ଠୁ ଆଜି
ଛୁଇଁଯାଏ ମୋତେ ତା'ର ଛଅ ଋତୁ
ବାରମାସେ ତେର ପର୍ବ ତା'ର
କି ସୁନ୍ଦରମୟ ଓଡ଼ିଶା ମୋର
ଜନ୍ମଭୂମିର ରୂପ ବଦନ
ଦୂରେ ରହିବି ମୁଁ ଦେଖେ ସପନ
କି ଗୁଣ ଗାଇବି ତା'ର
ଗୌରବରୁ ଶବ୍ଦ ମିଳୁନି ମୋ ମୁଖରୁ
ଅନୁଭବ କରିହୁଏ ତା'ର ଅବସ୍ଥିତିକୁ
ଭୁଲି ପାରିବିନି ତା'ର ମାୟା ମମତାକୁ ॥
ଆଜି ବିଦେଶେ ପଡ଼ିଛି ମାଲୋ ତତେ ଛାଡି
ମାୟା ମରୀଚିକା ପଛେ ଧାଇଁଲା ପରି

ଯେତେ ଅରଜିଲେ ଧନ ତୃଷ୍ଣା ମେଣ୍ଟେ ନାହିଁ ମୋର
ଯାଯାବର ପରି ବୁଲେ ସହର ସହର
ଧନୀ ହେଲି ସିନା ଅରଜି
ଧନ ତୋ ମମତା ହରାଇ ହଜିଗଲା ଏ ମନ
ନାହିଁ କିଛି ସରାଗ ଏଇ ମନର
ଯେଉଁ ଦିନୁ ଅଲଗା ହେଲା ବାଟ ତୋ'ର ମୋର
ଭାଇ ବନ୍ଧୁ ଛାଡ଼ି ତୋ ପାଖରେ
ଦୁଃଖିନୀ ମା'କୁ ଛାଡି ରହିଲି ଦୂରେ
ଜାଣେ ସେ ଜନ୍ମ ଦାୟିନୀ କୁହୁଳି କାନ୍ଦେ ଭିତରେ ଭିତରେ
ଛାତିକୁ ପଥର କରି ଧାଇଁ ଆସୁଥିଲା ମୋ ପଛେ ପଛେ
ଶୁଭ ମନାସି ମୋର ମାନସିକ କରେ ମା' ମଙ୍ଗଳା ପାଶେ ॥
ଭୁଲି ପାରୁନାହିଁ ଲୋତକ ଭରା ତା' ଦୁଇ ନୟନ
ଶୟନେ ଜାଗରଣେ ଭାଳେ ମୁଁ ଯାହାକୁ
ପାଣି କରି ଦେଲୁ ରକ୍ତକୁ ତୋର ମୋ ସୁଖ କିଣିବା ପାଇଁ
ହେଲେ ସ୍ୱାର୍ଥପର ହୃଦୟ ମୋର ତୋ ଖୁସି ଦେଖିଲା ନାହିଁ ॥
କ୍ଷମା କରିଦେବୁ ମା'ଲୋ ଅଯୋଗ୍ୟ ତୋର ସନ୍ତାନକୁ
ଧନରେ ଧନୀ ଜ୍ଞାନରେ ଗୁଣୀ ହେଲି ସିନା
ବୁଝି ପାରିଲିନି ତୋ ହୃଦୟକୁ

ହାତଧରି ମୋର ବାଟ ଦେଖାଇଲୁ
ପ୍ରଥମ ଅକ୍ଷର ଲେଖି ଶିଖାଇଲୁ
ଚାଟଶାଳୀରୁ ଆରମ୍ଭ କରି ଶିଖିଲି ଯେତେ ଜ୍ଞାନ
କଥା ଦେଇଥିଲି ରଖିବି ଜନ୍ମଭୂମିର ମାନ
ଦେଖି ପାରିଲିନି ମୋ ମା'ର ମୋ ଲାଗି କେତେ ଯେ ବଳିଦାନ
ଲୋଭରେ ମୋରି ସ୍ୱାର୍ଥ ପାଇଁ ଆଜି ବିଦେଶେ ସଞ୍ଚିଲି ଧନ
ବିଦେଶୀ ହାତରେ ବିକି ଦେଇ ଏହି ଜ୍ଞାନ ।।
ସାହେବ ସାହେବ ଚାରି ଦିଗରୁ ଛୁଟି ଆସେ ଏହି ସ୍ୱର
ଧନବୋଲି ଏହି ଡାକ ଶୁଭେ ନାହିଁ
ସବୁ ଗୋଟେଗୋଟେ ହିଂସ୍ର ଚରିତ୍ରର
ନିଜ ସ୍ୱାର୍ଥ ଲାଗି ଟଣାଟଣି ଏଠି ବୁଝେନା କାହାର ମନ
ଝୁଣ୍ଟି ପଡ଼ିଲେ ଆହା କହିବାକୁ କାହାର କି ପ୍ରୟୋଜନ ।।
ଏତେ ଅପରିଚିତ ମୁଁ ମୋ ସମାଜ ଆଖିରେ
ହଜିଯାଇଛି ଚିହ୍ନ ମୋର
ମୋ ଗାଁର ଯେତେ ବୃଦ୍ଧ ବନାଳି
ଡାକୁଥିଲେ ମୋତେ ଆରେ ଶଙ୍ଖାଳି
ଆଜି ସେହି ଗୁରୁଜନ ଲେଞ୍ଜାରା ଭରା ତା' ଦୁଇ ନୟନ
ଚିହ୍ନି ପାରେନା ମୋ ମୁଖ ବଦନ

ନିରିଖି ଚାହିଁ ପଚାରେ ମୋ ମୁଖ ଚାହିଁ
ସାହେବ ଆପଣ ଆସିଲ କେଉଁ ଦିନ ॥
ଏହି ପଦକଥା ତା'ର ମୋ ହୃଦୟ କରୁଛି ବିଦାର
ଆଉ ଦୁଃଖ ଦେବିନାହିଁ ତତେ
ଆସୁ ଜୀବନେ ବାଧା ଯେତେ
ଉନ୍ନତ କରିବି ଜନ୍ମଭୂମିକୁ ମୋର
ଲାଗିବ ଯେମିତି ସତେ ସ୍ୱର୍ଗପୁର
ତା'ର ଯଶ କୀର୍ତ୍ତିର ଗାନ
ଦେଶେ ବିଦେଶେ ସଭିଙ୍କ ମନରେ ରହିବ ତା' ସମ୍ମାନ ॥

*****

**ରାଜକନିକା, କେନ୍ଦ୍ରାପଡ଼ା**



# ଦୁହିତା

ତପସ୍ୱିନୀ ଦାଶ ଷଡଙ୍ଗୀ

ଦୁଇଟି କୁଳ ହିତ ପାଞ୍ଚିବାକୁ
ବିଧାତା ଦେଇଛି ଗଢିଲୋ ତୋତେ
ଜନମ ଠାରୁ ଜୁଇ ଯାଏଁ ତୁହି
ଲଢିବାକୁ ହେବ ଯାତନା ସାଥେ ।

ଯେତେବେଳେ ତୁହି ଜନମ ହେଲୁ
ବାପା ମାଆ ତୋତେ ଲକ୍ଷ୍ମୀ ଭାବିଲେ
ଦୁନିଆଁର ଯେତେ ସୁଖ ଦରବ
ତୋ'ର ପାଦ ତଳେ ଆଣି ଢାଳିଲେ ।

କେତେ ନିରିମାଖି ହୋଇ ତୁ ବଢିଲୁ
କୁଟାକୁ ଦିଖଣ୍ଡ କରିନୁ କେବେ
ଗେହ୍ଲାରେ ତୋ ଦିନ ବିତୁଥିଲା ଲୋ
ଆଦର କରନ୍ତି ଘରର ସର୍ବେ ।

ବୋହୂ ବୋହୂକା ଖେଳୁଥିଲୁ କେତେ
ବୋହୂର ଅରଥ ଜାଣି ନ'ପାରି
ନବବଧୂ ତୁ ସଜେଇ ହୋଇ ଲୋ
ରୋଷଶାଳେ ଥିଲା ମାଟି ପଥୁରୀ ।

ବାଲୁତ ବେଳ ସବୁ ଖୁସି ତୋର
ଉଭାନ ହୋଇଲା ସମୟ ତାଳେ
ଯୌବନ ଆସି ଉପନୀତ ହେଲା
ତାତ-ମାତ ବୁଡ଼ନ୍ତି ଚିନ୍ତା ଜଳେ ।

ସମାଜର କେତେ ଶକ୍ତ ରଜ୍ଜୁରେ
ବାନ୍ଧି ହୋଇଗଲା ତୋର ହରଷ
ଜେଜି କହୁଥିଲା ନିତି ଗରଜି
ଆନ ସୁଖେ କାଳେ ମିଳେ ସନ୍ତୋଷ ।

ବାହାଘର ଦିନ ଆସିଗଲା ଲୋ
କୁଆଁରୀରୁ ବନିଗଲୁ କାମିନୀ
ଟୋପାଏ ସିନ୍ଦୂର କରିଲା ପର
ହୋଇଗଲୁ ତୁ ଲୋ ସହଧର୍ମିଣୀ ।

ସିନ୍ଦୂର ଶଙ୍ଖା ସାଥୀ କରି ତୁହି
ଗଢ଼ି ଗଲୁ କେତେ ନୂଆ ସମ୍ପର୍କ
ଭୁଲି ନଥିଲୁ ତୋହର ସଂସ୍କାର
ଯାହା ଦେଇଥିଲେ ମାତା ଜନକ ।

ନିଜ ଜୀବନକୁ ସଳିତା ସଜେଇ
ଜାଳିଲୁ ତୋହର ମନ ଇଚ୍ଛାକୁ
ତ୍ୟାଗର ନାମ ଜପୁଥିଲୁ ସିନା
ରୁଧିରେ ଭିଜିଲା ତୋହର ବୁକୁ ।

ବାତ୍ସଲ୍ୟମୟୀ ଜନନୀ ସାଜିଲୁ
ନାରୀତ୍ୱ ସାର୍ଥକ ହେଲା ଯେ ତୋର
ବିନୟା ନିର୍ମଳା ତୁ ତ୍ୟାଗବତୀ
ଦୁହିତା ଜନମ ହେଲା ସାକାର ।

ଜନକ ନନ୍ଦିନୀ ହୋଇ ତୁ ଜନ୍ମିଲୁ
ଜନନୀ କୋଳେ ତୋ ପିଅର ଘରେ
ସୁହାଗିନୀ ହୋଇ ଶଙ୍ଖା ସିନ୍ଦୂରେ
କୋକେଇ ଉଠିଲା ସ୍ୱାମୀ କାନ୍ଧରେ ।

*****

ବେଙ୍ଗାଲୁରୁ

# ଦୀପାବଳି



ହୃଦୟାନନ୍ଦ ପଧାନ

ଅମା ଅନ୍ଧକାର ପର୍ବ ଦୀପାବଳି
ଦୀପର ପର୍ବ ଏ ଜଳେତ ଦୀପାଳି ।
କରୋନା ଜାଳୁଛି ଜୀବନ ଦୀପାଳି
ଆଉ କି ଆନନ୍ଦ ଦୀପାବଳି ପାଳି ।
ତ୍ରେତୟାରେ ସିନା ଗୋଟିଏ ରାବଣ
ମାରିଥିଲେ ପ୍ରଭୁ ଲଗାଇକି ବାଣ ।
ଏ କଳି ଯୁଗରେ ସହସ୍ର ରାବଣ
ଜନ୍ମିଛନ୍ତି ଆଜି କରୋନା ରୂପେଣ ।
ହସନାହିଁ ସବୁ ଲିଭି ତ ଗଲାଣି
ଖୁସିର ପର୍ବରେ ଆନନ୍ଦ ବା କାହିଁ ?
ଦୀପ ତ ଜଳୁଛି ବାଣ ଫୁଟୁ ନାହିଁ
କେମିତି କା ପର୍ବ ପାଳୁଅଛୁ ଆଜି ।

କରୋନା ଖାଇଲା ଏ ବର୍ଷ ଦୀପାଳି

ରକ୍ଷାକର ପ୍ରଭୁ ଆହେ ବନମାଳୀ ।

*****

ଅମରପାଲି, ସୁବର୍ଣ୍ଣପୁର



# ଆଖି ଆଉ ଆଖି ନାହିଁ..!

ଶିବ ଚରଣ ମହାପାତ୍ର

**ବ**ୟସର ସାୟାହ୍ନରେ
ଦେଖିଥିଲି ହଳେ ନିରୀହ କାଚକେନ୍ଦୁ ଆଖି
ପାରିଜାତ ଫୁଲବନ ନୀଳହ୍ରଦ
କେ'ହେଲେ ନଥିଲେ ତା' ସରି
ଜହ୍ନ-ତାରା ପ୍ରଜାପତି ମହୁମାଛି ପାଗଳ କୁକୁର
ପିସ୍ ପିସ୍ ହେଉଥିଲେ କଥା
ଆହାଃ କିଏ ସେ ଏ ମୂର୍ତ୍ତିମୟୀ ଏତେ ନିରିମାଖୀ..!!

ଥିଲା
ଭୂଲତା ପାହାଡ଼ ତଳେ ଅସ୍ତଗାମୀ ସୂର୍ଯ୍ୟର ଲାଲିମା
ପଲକ ଉହାଡ ମେଲି ତାଜା ରକ୍ତ ଦେଉଥିଲା ଚୁମା
ସାଧବ ପୁଅ ସଯତ୍ନେ ଆଙ୍କିଥିଲା ଗଣ୍ଡଦେଶେ କଳଙ୍କର ଚିତା
ଚାହାଁଣୀ ଭିତରେ ବନ୍ଦୀ କେତେ ଯେ ଶ୍ରାବଣ ରାତି ବିଦଗ୍ଧ ବାରତା..!!

ଭରିଥିଲା ସାରାଦେହେ ପୂର୍ଣ୍ଣିମାର ଦୁଗ୍ଧ ଶୀତଳତା
ବରଫ ପାହାଡ଼ ତଳେ ଚାପିହୋଇ ମରିଗଲି ଆହାଃ
ସବୁ ଜାଣି କିଛି ହେଲେ ପାରିଲିନି ବୁଝି
କୋଣାର୍କ କାନ୍ଥରେ ଖୋଦିତ
ବେଦନାକ୍ତ ଲୁହ ଲହୁ ରକ୍ତସ୍ନାତ ଗପ ଯାହା ଯାହା..!!

ସେ ଆଖିର ଲୁହ ନଇ ନିଆଁ ଛୁଇଁ ସାଜିଥିଲା ମୃତ ଲହୁ ହ୍ରଦ
ପାରିଲିନି ରୋକି
ପାରିଲିନି ରୋକି
ତା' ନିଃଶ୍ୱାସ ରୁନ୍ଧିଦେଲା ସାରା ଧୈର୍ଯ୍ୟ ବନ୍ଧ
କେତେ କଥା ହଜିଗଲା ଲୁଚିଗଲା ଆଖି ଦରିଆ ବୁକୁରେ
ଅସମ୍ପୂର୍ଣ୍ଣ ରହିଲା ମୋ ଚକ୍ରବ୍ୟୂହ ଭେଦ
ଦରଜା ବାହାରେ..!!

ପାରିଲାନି
ପାରିଲାନି ଦେଖି ଆଖି ଅନ୍ଧ ହେଲା ଆପଣା ଇଚ୍ଛାରେ
ବୁଝିଗଲି
ଲୁହ ଲହୁ ଝରେ ଏଠି ଆଖି ପରଦା ବାହାରେ
ଆଖି ଆଉ ଆଖି ନାହିଁ ଆଖି ଆଉ ସାକ୍ଷୀ ନାହିଁ
ଅନ୍ଧତ୍ୱ ଶିକାର ସର୍ବେ ଅନ୍ଧମୟ ଏଇ
ପୃଥିବୀରେ..!!

*****

**ଚକ୍ରଧରପୁର, କେନ୍ଦୁଝର**

# ଗଦ୍ୟ ବିଭାଗ

*" ପୁରୁଷ ସଙ୍ଗେ ନାରୀର ଭୂମିକା ଆଜି ସବୁ କ୍ଷେତ୍ରରେ ଅପରିହାର୍ଯ୍ୟ । ଶିକ୍ଷା-ଦୀକ୍ଷା ; ରାଜନୈତିକ ; ଧର୍ମନୈତିକ ସବୁସ୍ଥଳେ ନାରୀର ଭୂମିକା ପ୍ରଶଂସନୀୟ । ତେଣୁ ଈଶ୍ୱର ପୁତ୍ର କିମ୍ବା କନ୍ୟା ଦିଅନ୍ତୁ ; ସବୁଥିରେ ସନ୍ତୁଷ୍ଟ ରହିବା ଉଚିତ୍ ।"*

***- ଲଳିତକବି ଧ୍ରୁବ ଚରଣ ସ୍ୱାଇଁ***




ସମୟ ଅବିରାମ ଗତିରେ ଆଗକୁ ଆଗକୁ ମାଡି ଚାଲିଥାଏ । ଥରେ ବି ସେ ଆଉ ପଛକୁ ଫେରି ଚାହେଁନା । ମଣିଷ ହେଉଛି ଏହି ସମୟର ଦାସ । ସମୟ ସୁଅରେ ସମସ୍ତେ ଆଗକୁ ଆଗକୁ ମାଡି ଚାଲିଥାନ୍ତି । ପଛରେ ରହିଯାଏ କିଛି ସ୍ମୃତି ଆଉ ଅନୁଭୂତି । ସ୍ମୃତି କାହା ପାଇଁ ଥାଏ ମିଠା ତ ଆଉ କାହା ପାଇଁ ଥାଏ ଦୁଃଖ ଦାୟକ । ତଥାପି ମଣିଷ ତେଲ ଲୁଣ ଦୁନିଆଁରେ ତା' ସୁଖ ଦୁଃଖକୁ ନେଇ ଆରାମରେ ଥାଏ । ସମାଜରେ ଜଣେ ପ୍ରତିଷ୍ଠିତ ଧନୀ ବ୍ୟକ୍ତି ଯେପରି ରାଜକିୟ ଢଙ୍ଗରେ ଜୀବନ ବିତାଇ ଥାଏ ଠିକ୍ ସେହିପରି ଜଣେ ଦିନ ମଜୁରିଆ ଦିନ ଯାକର ଅକ୍ଲାନ୍ତ ପରିଶ୍ରମ ପରେ ଘରକୁ ଫେରି ତା' ପରିବାର ସହିତ ହସ ଖୁସିରେ ଦିନ କାଟେ ଠିକ୍ ଜଣେ ରାଜା ପରି । ଆଜି କିନ୍ତୁ ଯେପରି ସେ ସବୁ ସ୍ମୃତି ହୋଇ ରହିଯାଇଛି । ସବୁକିଛି ସାଧାରଣ ଭାବରେ ଚାଲୁଥିବା ସମୟରେ ଅଚାନକ ଭାବରେ

କରୋନା ନାମକ ଏକ ମହାମାରୀ ଦେଖା ଦେଲା ସାରା ସଂସାରରେ । ଧୀରେ ଧୀରେ ଏହା ଦେଶରୁ ଦେଶକୁ, ରାଜ୍ୟରୁ ରାଜ୍ୟକୁ ଏବଂ ଗାଁରୁ ଗାଁକୁ ବ୍ୟାପି ଚାଲିଲା । ସାରା ବିଶ୍ୱରୁ ଅସଂଖ୍ୟ ଲୋକ ଏହି ମହାମାରୀର ଶିକାର ହେଲେ । ଭୟରେ ସାରା ପୃଥିବୀର ଲୋକମାନେ ଆତଙ୍କିତ ହୋଇ ଉଠିଲେ । ସାଧାରଣ ଜନ ଜୀବନ ବିପର୍ଯ୍ୟସ୍ତ ହୋଇ ପଡିଲା । ଲୋକଙ୍କର ସୁବିଧା ପାଇଁ ସରକାର ଲକଡାଉନ୍ ଓ ସଟଡାଉନର ବ୍ୟବସ୍ଥା କଲେ । ଦୋକାନ, ବଜାର, ସ୍କୁଲ, କଲେଜ, ଅଫିସ କାର୍ଯ୍ୟାଳୟ ଆଦି ସବୁକିଛି ବନ୍ଦ ହୋଇଗଲା । ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଲେ କିନ୍ତୁ ସରକାର ସେମାନଙ୍କ ଜୀବନ ବଞ୍ଚେଇବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ଫଳରେ ସମସ୍ତଙ୍କୁ ସରକାରଙ୍କ ନିୟମ ମାନି ଘରେ ରହିବାକୁ ପଡିଲା । ଗୋଟେ ଦୃଷ୍ଟିରୁ ଦେଖିଲେ ଇଏ ଏକ ପ୍ରକାର ଭଲ ହେଲା କାରଣ ବିଭିନ୍ନ ପ୍ରକାର କାର୍ଯ୍ୟ ବ୍ୟସ୍ତତା କାରଣରୁ ଘର ପାଇଁ କେହି କାହାକୁ ସମୟ ଦେଇ ପାରୁନଥିଲେ । ଏଥର କିନ୍ତୁ ଘରର ସବୁ ସଦସ୍ୟ ଏକାଠି ରହିଲେ । ପିଲାମାନେ ବାପା ମା'ଙ୍କ ପାଖରେ ରହିବାର ସୁଯୋଗ ପାଇଲେ । କୁହାଯାଏ ଘରର ସବୁ ସଦସ୍ୟ ଯଦି ମିଳିମିଶି ଏକାଠି ରହନ୍ତି ଯେତେବଡ ବିପଦ ଆସିଲେ ମଧ୍ୟ ସେମାନଙ୍କର କିଛି କ୍ଷତି କରିପାରେ ନାହିଁ । କିନ୍ତୁ ଆମର ଲୋକକଥା ଅନୁସାରେ....

ଘୁଷୁରୀ ପ୍ରକୃତି ପଙ୍କେ ଲୁଟେ

ମଣିଷ ପ୍ରକୃତି ମଲେ ତୁଟେ ।

ମଣିଷ ତା'ର ପ୍ରକୃତି ଛାଡିଥା'ନ୍ତା ବା କିପରି ? ଏହି ବିଷମ ପରିସ୍ଥିତିରେ ବି ମଣିଷ ତା'ର ସ୍ୱାର୍ଥପରତାର ନଗ୍ନ ରୂପକୁ ସମାଜରେ ଦେଖେଇବାକୁ ପଛେଇ ନ ଥିଲା ଧୀରେ ଧୀରେ ଘର ଭିତରେ ବଢ଼ି ଚାଲିଲା କଳହ ଓ ଅଶାନ୍ତି । ଏହା ଦିନକୁ ଦିନ ଭୟଙ୍କର ରୂପ ନେଲା । ଭାଇ ଭାଇ ମଧ୍ୟରେ ଘର ଭିତରେ ପାଚେରୀ ଉଠିଲା । ଏହି ପରିସ୍ଥିତିରେ ବୁଢା ବାପା ତା' ଜୀବନର ଶେଷ ସମୟରେ ବିଦେଶରେ ଥିବା ପୁଅର ମୁହଁ ବି ଟିକେ ଦେଖି ପାରିଲାନି । କିଛି ଲୋକଙ୍କୁ ଶ୍ମଶାନ ପର୍ଯ୍ୟନ୍ତ ନେବା ପାଇଁ ଚାରି କାନ୍ଧ ବି ମିଳିଲାନି । ଏହି ମହାମାରୀ ଯୋଗୁଁ ବାପ ପୁଅକୁ ଚିହ୍ନିଲାନି, ଭାଇ ଭଉଣୀକୁ ଚିହ୍ନିଲାନି ଏପରିକି ଜନ୍ମ କଲା ମା' ମଧ୍ୟ ପିଲାମାନଙ୍କ ମୁହଁ ଚାହିଁଲାନି । ବୁଢା ବାପାକୁ କୋଭିଡ ସେଣ୍ଟରରେ ମରଣ ଶଯ୍ୟାରେ ଛାଡି ପିଲାମାନେ ବାପାର ସମ୍ପତ୍ତିରେ ଭାଗ ବାଣ୍ଟିବାକୁ ପଛେଇଲେ ନାହିଁ । ଏପରିକି ସ୍ୱାମୀର ମୃତ୍ୟୁ ହେଲେ ବି ସ୍ତ୍ରୀ ସ୍ୱାମୀର ଶବକୁ ଛୁଇଁବାକୁ ମଧ୍ୟ କୁଣ୍ଠାବୋଧ କଲା । ଯେଉଁ ଲୋକ ଜୀବନ ସାରା ଘଣ୍ଟା ଘଣ୍ଟା ଧରି କାମ କରି ଘର ଲୋକଙ୍କର ଖୁସି ଓ ଇଚ୍ଛା ପୂରଣ କରୁଥିଲା ଆଜି ସିଏ ହୋଇଗଲା ସମସ୍ତଙ୍କ ପାଇଁ ଅଲୋଡ଼ା ।

ମଣିଷ ଆଜି ଘରର ଚାରି କାନ୍ଥରେ ଆବଦ୍ଧ କିନ୍ତୁ ନାହିଁ ପରସ୍ପର ଭିତରେ ସ୍ନେହ ଓ ଶ୍ରଦ୍ଧା ଅଛି କେବଳ ପାଟିତୁଣ୍ଡ, ମାଡ଼ପିଟ ଓ ହଣା ମରାର ଶବ୍ଦ ଓ କୋଳାହଳ । ନିଜେ ନ ଖାଇ ମୁଣ୍ଡ ଝାଳ ତୁଣ୍ଡେ ମାରି ପୁଅକୁ ବଡ଼ ମଣିଷ କରିବ ବୋଲି ଯିଏ ପୁଅକୁ ବିଦେଶରେ ପାଠ ପଢ଼ାଉଥିଲେ ଆଜି ସେହି ବାପା ଏହି ଭୟାନକ ମହାମାରୀର ଶିକାର ହୋଇ ଡାକ୍ତରଖାନାରେ ପୀଡିତ କିନ୍ତୁ ପୁଅର ଆଜି ଦେଖାନାହିଁ । ସ୍ତ୍ରୀ ଛୁଆଙ୍କୁ ନେଇ ସେ ବେଶ ଆରାମରେ ବିଦେଶରେ ରହୁଛି । ଆଜି ଇଏ ହେଉଛି ଆମ ସମାଜର ଅବସ୍ଥା । ଆଜି ଏହି ଭୟାନକ ମହାମାରୀ ପରି ଆମ ଚିନ୍ତାଧାରାରେ ମଧ ଭୟାନକ ପରିବର୍ତ୍ତନ ଦେଖାଦେଇଛି । ଯେଉଁ ଭାଇ ଭାଇର ବିନା ପରାମର୍ଶରେ କିଛି ବି କାମ କରୁ ନ ଥିଲା ଆଜି ଭାଇର ପ୍ରତିଟି କଥା ତାକୁ ଅଡୁଆ ଲାଗୁଛି । ସେହି ଭାଇ ସହିତ ଚଳିବାକୁ ସେ ଅଣନିଶ୍ୱାସୀ ହୋଇ ପଡୁଛି । ଘରର ବେରୋଜଗାରୀ ପୁଅ ଆଜି ବାପା ମା'ଙ୍କର ଅଲୋଡ଼ା ହୋଇ ଯାଇଛି । ପ୍ରତିଦିନ ଖବରକାଗଜ ଓ ଗଣମାଧ୍ୟମରେ ଏମିତି ଅନେକ ଘରୋଇ ହିଂସାର ଝଲକ ଦେଖିବାକୁ ମିଳିଛି । ଆଖି ସାମ୍ନାରେ ମରୁଥିବା ଲୋକଙ୍କୁ ଦେଖି ମଧ ଆଜି ଏଇ ମଣିଷ ଆଖି ବନ୍ଦକରି ଚାଲି ଯାଉଛି । ଆଜି ମାନବିକତା ମରିଯାଇଛି । ଆଜି ଭାଇ ବଞ୍ଚିଛି, ଭାଇଚାରା ମରିଯାଇଛି । ମଣିଷ ସଂଖ୍ୟା ବଢୁଛି କିନ୍ତୁ ମଣିଷ ପଣିଆ କମିଯାଇଛି ।

କରୋନା ମହାମାରୀ ଠାରୁ ବି ଆହୁରି ଭୟାନକ ହୋଇ ପଡିଛି ଆମର ଏ ସମାଜ । ସମ୍ପର୍କ ମାନେ ଏଠି ନୁହେଁ ଆଜି ଭଲ ପାଇବା ସ୍ନେହ, ମମତା ଓ ମାନବିକତା । ସମ୍ପର୍କ ଆଜି ତା'ର ପ୍ରକୃତ ସଂଜ୍ଞା ହରାଇ ବସିଛି । ସମ୍ପର୍କର ମାନେ ଆଜି ଏଠି ଖାଲି ଟଙ୍କା, ସୁନା, ପ୍ରତିପତି, ଧନ ସମ୍ପତ୍ତି, ସ୍ୱାର୍ଥପରତା ଓ ଅବିଶ୍ୱାସ । ସତରେ ଆଜି ସାରା ସହର ଲକଡାଉନ୍ ଥିବା ସମୟରେ ଏ ସଂସାରରେ ସମ୍ପର୍କରେ ମଧ୍ୟ ଲକଡାଉନ୍ ପଡି ଯାଇଛି । ସେ ଦିନ ନାରଦ ମୁନି ଦସ୍ୟୁ ରତ୍ନାକରଙ୍କୁ ଠିକ୍ କଥା କହିଥିଲେ ଯେ ତୁ ଯେଉଁ ଲୋକମାନଙ୍କୁ ମାରି ତାଙ୍କ ଠାରୁ ଟଙ୍କା ସୁନା ନେଇ ତୋ ପରିବାର ପୋଷୁଛୁ ତୋ ପରିବାରର ଲୋକ ମାନଙ୍କୁ ପଚାର କିଏ କିଏ ତୋ ପାପ ନେବାକୁ ରାଜି ହେବେ । ଦସ୍ୟୁ ରତ୍ନାକର ମୁନିଙ୍କ କଥା ମାନି ଘରେ ବାପା, ମା, ପିଲାଛୁଆ ଓ ସ୍ତ୍ରୀ ସମସ୍ତଙ୍କୁ ପଚାରିଲା କିନ୍ତୁ କେହି ତା'ର ପାପ ନେବାକୁ ରାଜି ହେଲେ ନାହିଁ । ତା' ପରଠାରୁ ଦସ୍ୟୁ ରତ୍ନାକର ଘରଦ୍ୱାର ଛାଡି ଆସିଲା ଓ କଠୋର ତପସ୍ୟା କଲା ଯିଏକି ଆଜି ମହର୍ଷି ବାଲ୍ମୀକି ନାମରେ ପରିଚିତ । ଏଠାରେ ଦସ୍ୟୁ ରତ୍ନାକରର କଥା କହିବାର ଅର୍ଥ ହେଲା ଏ ଦୁନିଆଁଟା ହେଉଛି ମିଛ ମାୟାର ସଂସାର । ଏଠାରେ କେହି କାହାର ନୁହଁନ୍ତି ତେଣୁ ଏହି ମିଛ ମାୟା ମୃଗ ପଛରେ ଧାଇଁବା ଅପେକ୍ଷା ଆମେ ସତ୍ୟକୁ ଅନୁସରଣ କରିନେବା ଉଚିତ୍ । ଅନ୍ୟାୟ, ଅତ୍ୟାଚାର, ମାଡ଼ପିଟ, ଗୁଣ୍ଡାରାଜ ଏସବୁକୁ ଛାଡି

ସମାଜରେ ଶାନ୍ତି ଓ ମାନବିକତା ବଜାୟ ରଖିବା ଆବଶ୍ୟକ, ତେବେ ଯାଇ ଗାନ୍ଧିଜୀ ଦେଖିଥିବା ରାମରାଜ୍ୟର ସ୍ୱପ୍ନ ସାକାର ହେବ ଓ ଆମ ଦେଶ ରାମ ରାଜ୍ୟରେ ପରିଣତ ହେବ ।

*****

**କୁଞ୍ଜକାନ୍ତ, ଢେଙ୍କାନାଳ**




**ର**ମେଶ ଯାହାକୁ ଏତେବଡ ଗୋଟେ ପରିଚୟ ଦେଲା, ଏତେ ବଡ ମଞ୍ଚରେ ଠିଆ କରେଇ ତାକୁ ଗୋଟେ ନୂଆ ଦୁନିଆଁ ଦେଖାଇଲା, ଗୋଟେ ସୁନ୍ଦର ଗାୟିକା ଭାବରେ ଲୋକଲୋଚନକୁ ଆଣିଲା, ଶେଷରେ ସେ ଏକ ଭୂତୁଣୀ । ଏମିତି ସବୁ କଥା ହେଉଥିଲେ ମଞ୍ଚ ତଳର ଦର୍ଶକମାନେ । ହେ ଭଗବାନ, ଏ ମୁଁ କ'ଣ ଶୁଣୁଛି ? ଆଶ୍ଚର୍ଯ୍ୟରେ ରମେଶ ମୁହଁରୁ ଟୋପା ଟୋପା ଝାଳ ବାହାରି ପଡ଼ିଲା । ତା'ର ଦୁଇ ବର୍ଷ ତଳର ଘଟିଯାଇଥିବା ରହସ୍ୟମୟ ଘଟଣା ସବୁ ଗୋଟି ଗୋଟି କରି ମନେ ପଡିଗଲା । ଯେଉଁ ରହସ୍ୟମୟ ରାତ୍ରିରେ ସେ ପ୍ରଥମଥର ପାଇଁ କାମିନୀର ସୁନ୍ଦର କଣ୍ଠସ୍ୱର ଶୁଣିଥିଲା । ସେଦିନ ଥିଲା ଏକ ଅମାବାସ୍ୟା ରାତ୍ରି । ଚାରିଆଡେ କିଟ୍ କିଟ୍ ଅନ୍ଧାର । ସେଇ କିଟ୍ କିଟ୍ ଅନ୍ଧାରର ବକ୍ଷ ଚିରି ଡାକବଙ୍ଗଳା ସାମ୍ନାରେ କେହିଜଣେ ଗୀତ ଗାଇ ରମେଶ ଆଡକୁ ଆସୁଥିଲା । ରମେଶ ପ୍ରଥମେ ଜଣେ ଅଜଣା ଝିଅକୁ ଏମିତି ଗୀତ ଗାଇଗାଇ ତା' ପାଖକୁ ଅସୁଥିବାର ଦେଖି

ଖୁବ୍ ଡରି ଯାଇଥିଲା । କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ସେଇ ଝିଅ ସହିତ ତା'ର ବନ୍ଧୁତା ହେଲା । ଝିଅଟିର ନାଁ ଥିଲା କାମିନୀ । ସେ ଖୁବ୍ ସୁନ୍ଦର ଗୀତଗାଏ । ସତେ ଯେମିତି ମା' ସରସ୍ୱତୀ ତା କଣ୍ଠରେ ଆବିର୍ଭାବ । ଖୁବ୍ ମିଠା ତା' ସ୍ୱର । ରମେଶ ସେଦିନ କାମିନୀକୁ ପଚାରିଥିଲା ଯେ, "ତମର ଏତେ ସୁନ୍ଦର ସ୍ୱର । କାହିଁକି ତମେ ରେଡିଓ କି ଟିଭିରେ ଗୀତ ଗାଉନା ? କହିବ ଯଦି ମୁଁ ଦୂରଦର୍ଶନ ଥିବା ଲୋକମାନଙ୍କ ସହିତ ତୁମ ବିଷୟରେ କଥା ହେବି" । ରମେଶ ମୁହଁରୁ ଏମିତି ଶୁଣି କାମିନୀ କହିଲା, 'ଜଣେ ଗାୟିକା ଭାବରେ ସମାଜରେ ପରିଚିତ ହେବା ମୋର ବୋହୁତ ବଡ ସ୍ୱପ୍ନ । ତମେ କ'ଣ ମୋ ସ୍ୱପ୍ନକୁ ପୁରଣ କରିବ ରମେଶ" ? ସେଦିନ ଠାରୁ ରମେଶ ବହୁତ ଚେଷ୍ଟା କରିଛି କାମିନୀକୁ ଏକ ସଙ୍ଗୀତ ମଞ୍ଚରେ ଦେଖିବା ପାଇଁ । ଯାହା ଆଜି ସଫଳ ହେଇଛି । ହେଲେ କାମିନୀ ଯେ ଗୋଟେ ଭୂତୁଣୀ ଏମିତି କାହିଁକି ଦର୍ଶକମାନେ କହୁଛନ୍ତି ? ସେ ତ ଜୀବିତ । ରମେଶ ମଞ୍ଚ ଉପରକୁ ଚାହିଁଲା । ମଞ୍ଚ ଉପରେ ଠିଆ ହେଇଥିବା କାମିନୀ ଆଉ ଆଗ ଭଳି ଦେଖା ଯାଉନି । ଖୁବ୍ ବିକଟାଳ ଆଉ ଭୟଙ୍କର ଦେଖା ଯାଉଛି ତା' ରୂପ । ବହୁତ କଦାକାର । ସେ କାମିନୀକୁ ଏ ରହସ୍ୟ ପଚାରିଲା । ଶେଷରେ ମଞ୍ଚ ଉପରେ କାମିନୀ ତା'ର ପରିଚୟ ଆଉ ଅତୀତର ରହସ୍ୟ ଖୋଲିଲା ।

ସେ ପ୍ରକୃତରେ ଦୁଇବର୍ଷ ପୂର୍ବରୁ ମରି ସାରିଛି । ସେ ଛୋଟବେଳେ ଖୁବ୍ ସୁନ୍ଦର ଗୀତ ଗାଉଥିଲା । ଥରେ ଜଣେ ଚଳଚ୍ଚିତ୍ର ପ୍ରଯୋଜକ ତାଙ୍କ ଘର

ବାଟ ଦେଇ ଯାଉଥିଲେ । କାମିନୀର କଣ୍ଠସ୍ୱର ଶୁଣି ତାଙ୍କ ପାଦ ଅଟକିଗଲା । ସେ କାମିନୀକୁ ଡାକି ତାଙ୍କ ଫିଲ୍ମରେ ଗୀତ ଗାଇବା ପାଇଁ ଅନୁରୋଧ କଲେ । କାମିନୀ ଖୁବ୍ ଖୁସି ହେଇ ତାଙ୍କ ଗାଡ଼ିରେ ବସି ତାଙ୍କ ସହିତ ଗଲା । ଗାଡିଟି ଜଙ୍ଗଲ ବାଟ ଦେଇ ଗଲାବେଳେ କାମିନୀର ସୁନ୍ଦର ରୂପ ଆଉ ଭରା ଯୌବନ ଦେଖି ଉକ୍ତ ପ୍ରଯୋଜକ ଜଣକ ମଣିଷରୁ ପାଲଟିଗଲେ ଜଣେ ନର ରାକ୍ଷସ । ସେ କାମିନୀର କୋମଳ ଶରୀରକୁ ଛିନଭିନ କରି ନିଜର କାମନାର ଶୋଷ ମେଣ୍ଟାଇ ଚାଲିଲେ । କାମିନୀ ଖୁବ୍ ଜୋରରେ ଚିତ୍କାର କରୁଥାଏ କିନ୍ତୁ ନିଘଞ୍ଚ ଜଙ୍ଗଲ ଭିତରେ କେହି ତା'ର କରୁଣ ସ୍ୱର ଶୁଣିପାରୁନଥିଲେ । ଶେଷରେ କାମିନୀର ନିଶ୍ୱାସ ଅଟକିଯାଇଥିଲା ଉକ୍ତ ପ୍ରଯୋଜକର କାମନାର ଜ୍ୱାଳାରେ । ଗାୟିକା ହେବାର ସ୍ୱପ୍ନ ମରିଯାଇଥିଲା ସେଇ ନିଘଞ୍ଚ ଜଙ୍ଗଲ ଭିତରେ । କାମିନୀର ଆତ୍ମା କିନ୍ତୁ ପାଲଟି ଯାଇଥିଲା ପ୍ରତିଶୋଧ ପରାୟଣ । ଆଉ ଜଣେ ସୁପ୍ରତିଷ୍ଠିତ ଗାୟିକା ଭାବରେ ନିଜକୁ ପରିଚୟ ଦେବାର ଜିଦ୍ । ସେ ଖୋଜିବୁଲିଲା ଏକ ଆଶ୍ରା ଯିଏ ତାକୁ ଗାୟିକା ଭାବରେ ପରିଚିତ କରାଇ ପାରିବ । ଆଉ ସେତେବେଳେ ତା'ର ଦେଖା ହେଇଥିଲା ରମେଶ । ରମେଶ ପ୍ରକୃତରେ ଜଣେ ଖୁବ୍ ଭଲ ମଣିଷ ଜାଣି କାମିନୀ ରାମେଶକୁ ବାଛି ନେଇଥିଲା ନିଜର ସ୍ୱପ୍ନ ପୁରଣରେ ସାହାଯ୍ୟ ପାଇଁ । ଶେଷରେ ଆଜି କାମିନୀର ସ୍ୱପ୍ନ ପୁରଣ ହେଇସାରିଛି ଆଉ ଉକ୍ତ ପ୍ରଯୋଜକ ମଧ୍ୟ କାମିନୀକୁ ମଞ୍ଚ ଉପରେ ଦେଖି ଭୟରେ ପ୍ରାଣ ତ୍ୟାଗୀ ସାରିଛି । ତେଣୁ କାମିନୀ ଏବେ

ମୁକ୍ତ । ସେ ମୁକ୍ତି ଚାହେଁ । ଏଇ ନଷ୍ଟ ହେଇଯାଇଥିବା ଶରୀରରୁ ସେ ସବୁଦିନ ପାଇଁ ଏବେ ମୁକ୍ତ ହେଇଯିବ । ସେଇଥିପାଇଁ ତା'ର ଏ କଦାକର ରୂପ । ସେ ପ୍ରକୃତରେ ଜୀବିତ ନୁହେଁ ଜଣେ ଭୂତୁଣୀ ଗାୟିକା ।

ଏ ଥିଲା ଆଜିର କାହାଣୀ ।

*****

**ପୂର୍ଣ୍ଣାନନ୍ଦ ଭବନ**
**ନେତାଜୀ ନଗର,**
**ମଧୁପାଟଣା, କଟକ**



# ସର୍ବ ମଙ୍ଗଲ୍ୟ ମାଙ୍ଗଲ୍ୟେ

ସୌଭାଗ୍ୟ ରଞ୍ଜନ ମହାପାତ୍ର

ଯା' ଦେବୀ ସର୍ବ ଭୂତେଷୁ ବିଷ୍ଣୁ ମାୟେତି ସଂସ୍ଥିତା-
ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋ ନମଃ ॥

**ସ**ପ୍ତସତୀ ଚଣ୍ଡୀ ମାତା ଶକ୍ତି ରୂପରେ ପୃଥିବୀ ପୃଷ୍ଠରେ ଭିନ୍ନ ରୂପରେ ପୂଜା ପାଆନ୍ତି । ଶ୍ରୀମଦ୍ ଭାଗବତ ମହାପୁରାଣରେ ଓଡ଼ିଶାର ସନ୍ଥ ଶିରୋମଣି ପରମ ବୈଷ୍ଣବ ଶ୍ରୀଜଗନ୍ନାଥ ଦାସ ଲେଖିଛନ୍ତି -

ଦୁର୍ଗାଙ୍କୁ ନିକଟେ ବସାଇ - କହନ୍ତି ପ୍ରଭୁ ଭାବଗ୍ରାହୀ
ଦେବକୀ ଦେବୀ ନିଦ୍ରାକାଳେ - ଗର୍ଭ ହରିବୁ ଯୋଗ ବଳେ ।
ମିଳିବୁ ନନ୍ଦ ଘରେ ଯାଇ - ରୋହିଣୀ ଗର୍ଭେ ତାହା ଥୋଇ
ଜନ୍ମିବୁ ଯଶୋଦା ଉଦରେ - ମୁଁ ପୁଣି ଯିବି ମଥୁରେ ।
(ଭାଗବତ-୧୦ମ ସ୍କନ୍ଦ ୪ ଅଧ୍ୟାୟ)

ଦେବୀଙ୍କର ସପ୍ତମାତୃକା ରୂପ ରହିଛି । ଏହି ସପ୍ତମାତୃକା ପ୍ରତୀକ

ଦେବୀମାନଙ୍କୁ ପୂଜା କଲେ ଜୀବ ସପ୍ତରିପୁରୁ ରକ୍ଷାପାଏ । ସପ୍ତରିପୁମାନେ ହେଲେ - କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଓ ଅସୂୟା ।

"ବ୍ରାହ୍ମିତ ବୈଷ୍ଣବୀ ଐନ୍ଦ୍ରୀ ରୌଦ୍ରୀ, ବାରାହି ତଥା
କୌବେରୀ ଚୈବ କୌମାରୀ ମାତର ସପ୍ତ କୀର୍ତ୍ତିତଃ ।"

ମାତାଙ୍କର ଦଶ ମହାବିଦ୍ୟା ରୂପ ରହିଛି । ମାତାଙ୍କର ଏହି ଦଶ ମହାବିଦ୍ୟା ରୂପରୁ କୌଣସି ଗୋଟିଏ ରୂପ ଆରାଧନା କରି ସାଧକ ସିଦ୍ଧି ଲାଭକରେ ।

'କାଳୀତାରା ମହାବିଦ୍ୟା ଷୋଡ଼ଶୀ ଭୁବନେଶ୍ୱରୀ
ଭୈରବୀ ଛିନ୍ନମସ୍ତା ଚ ବିଦ୍ୟା ଧୂମାବତୀ ତଥା
ବଗଳା ସିଦ୍ଧ ବିଦ୍ୟା ଚ ମାତଙ୍ଗୀ କଳାତ୍ମିକା
ଏତାଦୃଶ ମହାବିଦ୍ୟା ପ୍ରକୀର୍ତ୍ତିତାଃ ॥

ଦକ୍ଷ ପ୍ରଜାପତି ଯଜ୍ଞରେ ଭାଗ ନେବା ପାଇଁ ସତୀଙ୍କୁ ଶିବ ଅନୁମତି ଦେଲେ ନାହିଁ । ସତୀ ଏଥିରେ କୁପିତ ହୋଇ ଉପରୋକ୍ତ ଦଶ ମହାରୂପ ଧାରଣ କରିଥିଲେ । ଏହି ରୂପ ଦର୍ଶନ କରି ଶିବଭୟାତୁର ହୋଇ ଦେବୀଙ୍କ ଦଶ ରୂପକୁ ଧ୍ୟାନ କରିଥିଲେ ଓ ଦଣ୍ଡାୟମାନ ହେଲେ । ସତୀ ଶିବଙ୍କର ନୟନ ମୁଦ୍ରିତ ରୂପ ଦେଖି କହିଥିଲେ...

'ଅହଂ ତୁ ଭୈରବୀ ଭୀମାଶମ୍ଭୋ ମାଂ ଭୟ କୁରୁ ।"

ମାତାଙ୍କର ନବବଧ ରୂପ ମଧ୍ୟ ରହିଛି-

ପ୍ରଥମଂ ଶୈଳପୁତ୍ରୀଚ ଦ୍ୱିତୀୟଂ ବ୍ରହ୍ମଚାରିଣୀ,
ତୃତୀୟଂ ଚନ୍ଦ୍ର ଘଣ୍ଟେତି ଚତୁର୍ଥେ କୁଷ୍ମାଣ୍ଡାଇତି
ପଞ୍ଚମ ସ୍କନ୍ଦମାତାଚ ଷଷ୍ଟେ ଦେବୀ କାତ୍ୟାୟନୀ
ସପ୍ତମ କାଳ ରାତ୍ରି ଚ ମହାଗୌରୀ ଅଷ୍ଟକମ୍
ନବମେ ସିଦ୍ଧି ଦାତ୍ରୀଚ ନବଦୁର୍ଗା ପ୍ରକିର୍ତ୍ତିତା ॥

ଆଦିଶକ୍ତି ମାତା ଶସ୍ୟ ଦେବୀ ରୂପେ ମଧ୍ୟ ପୂଜିତ ହୁଅନ୍ତି । ବିଶ୍ୱରେ ଅନାଟନ ଶସ୍ୟ ହାନୀ ହେଲା । ସେହି କଳ୍ପରେ ଦେବୀ ନିଜ ଦେହରୁ ଶାଗ ଜାତ କଲେ ଓ ସେହି ଶାଗ ଭକ୍ଷଣ କରି ଜୀବମାନେ ପ୍ରାଣଧାରଣ କଲେ । ଏଣୁ ଦେବୀଙ୍କର ନାମ ଶାକମ୍ବରୀ ହେଲା । ଏହି ସମୟରେ ଏହି କଳ୍ପରେ ମାତା ଦୁର୍ଗମ ନାମକ ଅସୁରକୁ ବଧ କରିଥିଲେ ।

ଶାଳକମ୍ଭରୀ ବିଖ୍ୟାତଂ ତଦା ଯାସ୍ୟାମ୍ୟହଂ ଭୁବି
ତତ୍ରୈବ ଚ ବଧିଶ୍ୟାମି ଦୁର୍ଗମାଖ୍ୟଂ ମହାସୁରମ୍ ।
(ସପ୍ତସତୀ ଚଣ୍ଡୀ- ୧୧/ ୪୯)

ଅର୍ଗଳ ସ୍ତୋତ୍ରରେ ବର୍ଣ୍ଣିତ ଅଛି-

'ଜୟନ୍ତୀ ମଙ୍ଗଳକାଳୀ ଭଦ୍ରକାଳୀ କପାଳିନୀ
ଶିବା ଦୁର୍ଗା କ୍ଷମାଦାତ୍ରୀ ସ୍ୱାହା ସ୍ୱାଧା ନମୋସ୍ତୁତେ ।''

ଶ୍ରୀ ମାର୍କଣ୍ଡେୟ ଋଷି କହିଲେ ହେ ଦେବୀ ! ଭବାନୀ ତୁମେ ଜୟନ୍ତୀ, ମଙ୍ଗଳା, କାଳୀ, ଭଦ୍ରକାଳୀ କପାଳିନୀ, ଦୁର୍ଗା କ୍ଷମା, ଶିବା, ଧାତ୍ରୀ, ସ୍ୱାହା ଏବଂ ସ୍ୱାଧା ନାମରେ ଜଣପ୍ରସିଦ୍ଧି ଅଟ, ତୁମକୁ ନମସ୍କାର । ଦେବୀ ଭକ୍ତମାନଙ୍କୁ ମୋକ୍ଷଦାନ କରୁଥିବାରୁ ମଙ୍ଗଳା, ପ୍ରଳୟ କାଳରେ ସୃଷ୍ଟିକୁ ଗ୍ରାସ କରୁଥିବାରୁ କାଳୀ, ମଙ୍ଗଳସୁଖ ପ୍ରଦାନ କରୁଥିବାରୁ ଭଦ୍ରକାଳୀ, ହସ୍ତରେ କପାଳ, ମୁଣ୍ଡମାଳ ଧାରଣ କରିଥିବାରୁ କପାଳିନୀ, ଦୁର୍ଗତିନାଶନ କରୁଥିବାରୁ ଦୁର୍ଗା, ପାପ କ୍ଷମା କରୁ ଥିବାରୁ କ୍ଷମା, କଲ୍ୟାଣ କରୁଥିବାରୁ ଓ ଶିବ ପତ୍ନୀ ହୋଇଥିବାରୁ ଶିବା, ଜଗତର ମାୟା ପ୍ରପଞ୍ଚ ଧାରଣ କରିଥିବାରୁ ଧାତ୍ରୀ, ସ୍ୱାହା ରୂପେ ଯଜ୍ଞ ଭାଗ ଗ୍ରହଣ କରି ଦେବତାମାନଙ୍କୁ ପ୍ରଦାନ କରୁଥିବାରୁ ତାଙ୍କ ନାମ ସ୍ୱାହା, ପିଣ୍ଡ ତର୍ପଣ ଶ୍ରାଦ୍ଧ ଗ୍ରହଣ କରି ପିତୃ ଲୋକମାନଙ୍କୁ ମୋକ୍ଷ କରୁଥିବାରୁ ତାଙ୍କର ନାମ ସ୍ୱାଧା । ଦେବୀଙ୍କ ବହୁ ନାମ ସଂପର୍କରେ ଓଡ଼ିଶାର ବରେଣ୍ୟ କବି ଶୁଦ୍ରମୁନୀ ସାରଳା ଦାସ ଏହିପରି ଲେଖିଛନ୍ତି -

ଝଙ୍କଡ଼େ ରହିଲୁ ମାଗୋ ଶାରଳା ବୋଲାଇ ।
କାକଟ ପୁରେ ବୋଲାଇ ମଙ୍ଗଳା ଯେ ତୁହି ॥୧୬॥
ଲହ ଲହ ଜିହ୍ୱା ଯେ ସିନ୍ଦୂର ମୁଖ ମଣ୍ଡି ।

କୋଣାର୍କରେ ରହିଲୁ ତୁ ହୋଇ ରାମଚଣ୍ଡୀ ॥୧୭॥

ପୁରୁଷୋତ୍ତମେ ରହିଲୁ ବିମଳା ବୋଲାଇ ।

ବାଙ୍କିରେ ରହିଲୁ ମାଗୋ ନାମ ଚର୍ଚ୍ଚିକାଇ ॥୧୮॥

ସମ୍ବଲପୁରେ ରହିଲୁ ନାମ ସମଲାଇ ।

ଯାଜପୁରରେ ରହିଲୁ ନାମ ବିରଜାଇ ॥୧୯॥

ପଶ୍ଚିମେ ରହିଲୁ ମାଗୋ ନାମ ହିଙ୍ଗୁଳାଇ ।

ଭୁବନେଶ୍ୱରରେ ରହିଲୁ ଗଉରୀ ବୋଲାଇ ॥୨୦॥

ବାଣପୁରେ ରହିଲୁ ଯେ ନାମ ଭଗବତୀ ।

ସକଳ ଅମରେ ତୋତେ କରନ୍ତି ଯେ ସ୍ତୁତି ॥୨୧॥

ଉତ୍ତର ଦିଗେ ରହିଲୁ ଚଣ୍ଡି ନାମ ବହି ।

ଏମନ୍ତ ଦ୍ୱାଦଶ ନାମ ବ୍ରହ୍ମାଗଲେ ଦେଇ ॥୨୨

ଲକ୍ଷ୍ମୀ, ସରସ୍ୱତୀ, ତ୍ରିଶକ୍ତିର ଆଧାର ଅଟନ୍ତି । ସତ୍ୟଯୁଗରେ ଦେବତାମାନେ ଦୁର୍ଗ ନାମକ ଅସୁର ଅତ୍ୟାଚାରରେ ଅତିଷ୍ଠ ହୋଇ ମାତୃଶକ୍ତି ଆରାଧନା କରିଥିଲେ । ମାଆଦୁର୍ଗା ରୂପେ ଆବିର୍ଭାବ ହୋଇ ସେହି ଅସୁରକୁ ନିଧନ କରିଥିଲେ । ପୁନଶ୍ଚ ସେହିପରି ମହିଷାସୁର, ଶୁମ୍ଭ, ନିଶୁମ୍ଭ ଆଦି ଦୈତ୍ୟମାନଙ୍କୁ ଅନ୍ୟ ଏକ କଳ୍ପରେ ମାତା ଦୁର୍ଗା ରୂପରେ ନିଧନ କରିଥିଲେ । ଦେବତାମାନଙ୍କ ଦୁର୍ଗତି କାଳରେ ତାଙ୍କର ଆବିର୍ଭାବ ଘଟୁଥିବାରୁ ସେ

ହେଉଛନ୍ତି ଦୁର୍ଗା' । ମା' ଦୁର୍ଗା ତାରିଣୀ ରୂପରେ ସଂସାର ସାଗରରୁ ଜୀବମାନଙ୍କୁ ଉଦ୍ଧାର କରୁଥିବାରୁ ତାଙ୍କ ନାମ ତାରିଣୀ । ଆଶ୍ୱିନ ମାସ ଶୁକ୍ଳପକ୍ଷ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ମାତୃଶକ୍ତି ଦୁର୍ଗାଙ୍କୁ ଆବାହନ କରିଥିବାରୁ ଅଦ୍ୟାପି ଏହି କଳିଯୁଗରେ ଆଶ୍ୱିନ ମାସରେ ଦୁର୍ଗାପୂଜା ପାଳିତ ହେଉଛି। ଏହା ଶାରଦୀୟ ଦୁର୍ଗା ପୂଜା ନାମରେ ଖ୍ୟାତ । ପୁନଶ୍ଚ ଅନ୍ୟ କଳ୍ପରେ ସୁରଥ ରାଜା ଓ ସୁମେଧ ବୈଶ୍ୟ ଚୈତ୍ର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରୁ ଦଶମୀ ପର୍ଯ୍ୟନ୍ତ ମାତୃଶକ୍ତି ଆବାହନ ପୂଜନ କରି ଯଶଗୌରବ, ରାଜ୍ୟ, ଧନ ଲାଭ କରିଥିବାରୁ ଏହି କଳିଯୁଗରେ ଚୈତ୍ର ମାସରେ ଦୁର୍ଗାପୂଜା ପାଳିତ ହେଉଛି । ଏହି ପର୍ବ ବାସନ୍ତି ଦୁର୍ଗାପୂଜା ନାମରେ ଖ୍ୟାତ । ଦ୍ୱାପର ଯୁଗ ଅନ୍ତମାରମ୍ଭରେ ଭଗବାନ ଶ୍ରୀକୃଷ୍ଣ ଯୋଗମାୟାଙ୍କୁ ନିର୍ଦ୍ଦେଶ ଦେଇଥିଲେ, "ଦେବୀ, ଦେବକୀଙ୍କ ସପ୍ତମ ଗର୍ଭ ସନ୍ତାନକୁ ରୋହିଣୀଙ୍କ ଗର୍ଭରେ ସଂସ୍ଥାପନ କରିବେ । ଏଥିପାଇଁ ତୁମେ ମର୍ତ୍ତ୍ୟରେ ବହୁ ନାମରେ ଧାମରେ ଗ୍ରାମ ଦେବତୀ, ନାରାୟଣୀ, ସ୍ଥାନେଶ୍ୱରୀ, କୁମଦା, ଚଣ୍ଡୀକା, ତାରିଣୀ, କାଳୀ, ଭଦ୍ରକାଳୀ ଆଦି ବହୁ ନାମରେ ପରିଚିତା ଓ ପୂଜିତା ହେବେ । କୁମାରୀ କନ୍ୟାମାନେ ତୁମକୁ ପୂଜା କରି ତାଙ୍କର ଇପସିତ ବର ଲାଭ କରିବେ । ମାତା ରକ୍ଷିଣୀ ଓ ମାତା ସୀତା ମଧ୍ୟ ବିବାହ ପୂର୍ବରୁ ଗୌରୀ, କାତ୍ୟାୟନୀ ପୂଜା କରିଥିଲେ । ହିନ୍ଦୁମାନଙ୍କର ବିବାହ ସମୟରେ ଗ୍ରାମ ଦେବତୀଙ୍କୁ ସର୍ବାଗ୍ରେ ପୂଜା ସ୍ନାନ କରାଯାଇ ସେ ପାଣିରେ ମଙ୍ଗୁଳା ଝିଅକୁ ସ୍ନାନ କରାଯାଏ ।

ଏହାକୁ ଦିଅ ମଙ୍ଗଳା ମଧ୍ୟ କହନ୍ତି । ଯେକୌଣସି ପୁଣ୍ୟ କାମ ଯଥା- ହୋମ, ଯଜ୍ଞ, ବିବାହ, ବ୍ରତ, ଗୃହ ପ୍ରତିଷ୍ଠା, ଦେବାଳୟ ଓ ମନ୍ଦିର ବିଗ୍ରହ ପ୍ରତିଷ୍ଠାରେ ମାତାଙ୍କୁ ସ୍ଥାନେଶ୍ୱରୀ ଭାବେ ପୂଜା କରାଯାଏ । ସେ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣଙ୍କ ମାୟାଶକ୍ତି ।

*****

**ଟିଟିଲାଗଡ, ବଲାଙ୍ଗୀର**



# ଅଭୁଲା ସ୍ମୃତି

ଇତିଶ୍ରୀ ଜାନା

**ବା**ପା...ବାପା ଏକ ଏପରି ଶବ୍ଦ ଯାହାଙ୍କୁ ଡାକିବାର ସୌଭାଗ୍ୟ ସମସ୍ତଙ୍କ ପାଖରେ ନଥାଏ । ରଙ୍ଗମଞ୍ଚ ଭରା ନାଟକୀୟ ଜୀବନରେ ଅନେକ ଦୁଃଖ କଷ୍ଟ ଭୋଗିବାକୁ ପଡିଥାଏ । ଜୀବନର ଅଙ୍କାବଙ୍କା ରାସ୍ତାରେ କିଛି ମୂଲ୍ୟବାନ ଜିନିଷ ଓ ଆପଣାର ଲୋକଙ୍କୁ ପଛରେ ଛାଡ଼ି ଆଗକୁ ବଢିବାକୁ ହୋଇଥାଏ । ବୋଧହୁଏ ଏହାକୁ ଜୀବନ ବୋଲି କୁହାଯାଏ । ମୁଁ ମଧ୍ୟ ମୋ ଜୀବନରେ ଜଣେ ମୂଲ୍ୟବାନ ବ୍ୟକ୍ତିଙ୍କୁ ହରାଇଛି, ସେ ହେଉଛନ୍ତି ମୋ ବାପା । ତା'ଙ୍କୁ କେବେ ଦେଖିଛି ତାହା ମୋ ସ୍ମୃତି ପଟଳରେ ଚିରଦିନ ପାଇଁ ଅନ୍ଧାର ଭଳି ଅଦୃଶ୍ୟ ହୋଇଯାଇଛି କିନ୍ତୁ ମାଆ ଠାରୁ ବାପାଙ୍କ ବିଷୟରେ ଅନେକଥର ଶୁଣିଛି । ବାଲ୍ୟ ସମୟରେ ବାପା କ'ଣ..? ତାଙ୍କ ଅସ୍ତିତ୍ୱ କ'ଣ..? କିଛି ବୁଝିବାର ଶକ୍ତି ନଥିଲା । ବୟସ ବଢ଼ିବା ସହିତ ଜ୍ଞାନର ମଧ୍ୟ ଉଦୟ ହେଲା । ସେତେବେଳେ ବାପାଙ୍କ ଅନୁପସ୍ଥିତି ଦାରୁଣ ଦୁଃଖରେ ଭରିଦେବାକୁ ଲାଗିଲା । ସାଙ୍ଗସାଥି ମାନଙ୍କ ବାପାଙ୍କୁ ଦେଖି ମନେମନେ ଖୁସି

ହେବା ସହ ଦୁଃଖରେ ଭାଙ୍ଗି ପଡୁଥିଲି । ମନ ମଧ୍ୟରେ ଏକ ଆକୁହା କୋହକୁ ଲୁଚାଇରଖି ମୁହଁରେ ହସ ଫୁଟାଉଥିଲି । ସେହି ସମୟରେ ମୋତେ ଅନୁଭୂତ ହେଲା ଯେ, ଯଦି ମୁଁ ଆଜି ବାପାଙ୍କ ପାଇଁ ଏତେ ଝୁରୁଛି ତେବେ ମାଆ ଏତେବର୍ଷ ଧରି ନିଜର କୋହକୁ କିପରି ଲୁଚାଇ ରଖିଛି..? ମାଆ ତା'ର ଦୁଃଖ କେବେ ମଧ୍ୟ ଅନୁଭବ କରିବାକୁ ଦେଇନାହିଁ କିନ୍ତୁ ମୁଁ ତା' ଦୁଃଖକୁ ଠିକ ବୁଝିପାରୁଛି । ଯେତେବେଳେ ମାଆକୁ କେହି କଷ୍ଟ ଦେଲାଭଳି କେହିକିଛି କହିଥାଏ, ସେତେବେଳେ ରାତ୍ରିର ଅନ୍ଧକାରରେ ନିଦ୍ରାଦେବୀଙ୍କ ଆଗମନରେ ସମସ୍ତେ ଶାନ୍ତିରେ ଶୋଇଯିବା ପରେ ମାଆ ବାପାଙ୍କ ସ୍ମୃତିକୁ ମନେ ପକାଇ ଗୁମୁରି ଗୁମୁରି କାନ୍ଦେ । ବାପା ସିନା ଆଜି ଏ ଦୁନିଆଁରେ ନାହାନ୍ତି କିନ୍ତୁ ମାଆର ହୃଦୟରେ ସେ ସବୁଦିନ ପାଇଁ ଜୀବିତ ଅଛନ୍ତି । ତାପରେ ମୁଁ ଅନୁଭବ କଲି ମାଆର ଦୁଃଖ ତୁଳନାରେ ମୋ ଦୁଃଖ କିଛି ବି ନୁହେଁ । ସେହିଦିନ ଠାରୁ ବାପାଙ୍କୁ ମନ ମଧ୍ୟରେ ଝୁରି ହେଉଥିଲେ ମଧ୍ୟ ମାଆ ନିକଟରେ କେବେ ପ୍ରକାଶ କରେ ନାହିଁ । ଗୋଟେ ସ୍ତ୍ରୀ ପାଇଁ ତା' ସ୍ୱାମୀ ଓ ଗୋଟେ ଝିଅ ପାଇଁ ତା' ବାପା କେତେଯେ ଜରୁରୀ ତାହା ଶବ୍ଦ ମାଧ୍ୟମରେ ପ୍ରକାଶ କରିବା ସମ୍ଭବ ନୁହେଁ । କିନ୍ତୁ ସମୟର ଅନ୍ତରାଳରେ ଏସବୁ ସହି ବଞ୍ଚିବାକୁ ପଡିଥାଏ ।

*****

**ଏରସମା, ଜଗତସିଂହପୁର**

# ବୋଇତ ବନ୍ଦାଣ ଉତ୍ସବର ତାତ୍ପର୍ଯ୍ୟ

ପ୍ରଜ୍ଞା ପାରମିତା ମହାନ୍ତି



ବୋଇତ ବନ୍ଦାଣ ଉତ୍ସବ ଓଡିଆ ଜାତିର ନୌବାଣିଜ୍ୟର ସ୍ମୃତି ବହନ କରେ । ଉତ୍କଳ ବା କଳିଙ୍ଗ ବା ଓଡ୍ରଦେଶ ଦିନ ଥିଲା କଳା, ସାହିତ୍ୟ, ସଂସ୍କୃତି ଓ ନୌବାଣିଜ୍ୟରେ ବିଶ୍ୱରେ ସ୍ୱାତନ୍ତ୍ର୍ୟ ବହନ କରୁଥିଲା । ଦୁର୍ଦ୍ଧଷ ଥିଲା ଏ ଜାତି । ନୌବାଣିଜ୍ୟର ସାମ୍ରାଜ୍ୟ ବିସ୍ତାର କରିଥିଲା ସୁଦୂର ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିୟ, ଇଣ୍ଡୋନେସିଆ ଓ ସିଂହଳ ଇତ୍ୟାଦି ଦେଶମାନଙ୍କରେ । ତତ୍କାଳୀନ ସମାଜରେ ଗମନାଗମନ, ପରିବହନ ଓ ବାଣିଜ୍ୟ ପାଇଁ ଉତ୍କଳର ଦୀର୍ଘ ଉପକୂଳ ହିଁ ଥିଲା ଏକମାତ୍ର ମାଧ୍ୟମ । ଜଳପଥରେ ନୌବାଣିଜ୍ୟ କରି ଏ ଜାତି ବିଦେଶରୁ ବୋହି ଆଣୁଥିଲା ଅମାପ ଧନସମ୍ପଦ । ଗଢି ଉଠିଥିଲା ଓଡିଶାର ଉପକୂଳରେ ଅନେକ ବନ୍ଦର । ବର୍ଷାଋତୁର ଶେଷରେ କଳିଙ୍ଗର ସାଧବପୁଅମାନେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ନୌଯାତ୍ରା ଆରମ୍ଭ କରୁଥିଲେ । ବାଣିଜ୍ୟ କରି ସମୃଦ୍ଧ ଉତ୍କଳର ସ୍ୱପ୍ନ ଦେଖୁଥିଲେ ସେମାନେ । ନୌଯାତ୍ରା

ପୂର୍ବରୁ ସେମାନଙ୍କର ଗୃହଲକ୍ଷ୍ମୀମାନେ ଯଥାବିଧି ଶଙ୍ଖ ହୁଳହୁଳି ଦେଇ, ଦୂବ-ବରକୋଳି ପତ୍ର ଓ ଧୂପଦୀପରେ ବୋଇତ ବନ୍ଦାଣ କରୁଥିଲେ । ବିରହ ବିରଧୁତ ମୁଖରେ ହସି ହସି ବିଦାୟ ଦେଉଥିଲେ ସେମାନଙ୍କର ସ୍ୱାମୀ, ପୁତ୍ର ଓ ଆତ୍ମୀୟ ପରିଜନମାନଙ୍କୁ । ଏହି ମହାନ ତଥ୍ୟକୁ ପ୍ରମାଣ କରେ ତଅପୋଇ କାହାଣୀ । ହସି ହସି ବିଦାୟ ନେଉଥିଲେ କଳିଙ୍ଗର ସାଧବପୁଅମାନେ ଅମାପ ଧନସମ୍ପତ୍ତି ଓ ପ୍ରିୟପରିଜନଙ୍କର ଦୁର୍ଷ୍ପ୍ରାପ୍ୟ ସୌଖୀନ ଜିନିଷ ପାଇବାର ଇଚ୍ଛାକୁ ପୂରଣ କରିବାର ପ୍ରତିଶ୍ରୁତି ଦେଇ । ମେଘମୁକ୍ତ ଆକାଶ, ଶାନ୍ତ ନଦୀର ଜଳରାଶି, ପ୍ରଶାନ୍ତ ସାଗର ବକ୍ଷ ଅତିକ୍ରମ କରି ସେମାନେ ପହଞ୍ଚୁଥିଲେ ଦକ୍ଷିଣପ୍ରାଚ୍ୟର ବିଭିନ୍ନ ଦେଶମାନଙ୍କରେ । ବଡ ଦୁର୍ଗମ ଥିଲା ସେମାନଙ୍କର ଯାତ୍ରା । ଭ୍ରୂକ୍ଷେପ ନାହିଁ ସେଥିପ୍ରତି । ବାଣିଜ୍ୟେ ବସତେ ଲକ୍ଷ୍ମୀ । ଲକ୍ଷ୍ମୀଙ୍କର ପ୍ରତୀକ ଅମାପ ଧନସମ୍ପତ୍ତିକୁ ନିଜଦେଶକୁ ଆଣିବା ଓ ବିତତଶାଳୀ ହେବା ଏକମାତ୍ର ଲକ୍ଷ୍ୟ । ପହଞ୍ଚୁଥିଲେ ଜାଭା, ସୁମାତ୍ରା, କମ୍ବୋଡିଆ ଆଦି ଦେଶମାନଙ୍କରେ । ସେ ଦେଶର ଶାସକମାନଙ୍କୁ ବହୁମୂଲ୍ୟ ଦୁଷ୍ପ୍ରାପ୍ୟ ଦ୍ରବ୍ୟ ଭେଟି ଦେଇ ସେମାନେ ସୁଯୋଗ ପାଉଥିଲେ ବାଣିଜ୍ୟ କରିବା ନିମନ୍ତେ । ଏହିପରି ଲାଭ କରୁଥିଲେ ଅମାପ ଧନସମ୍ପତ୍ତି । ଇତିମଧ୍ୟରେ ଗୋଟିଏ ଦେଶର ପଣ୍ୟଦ୍ରବ୍ୟ କ୍ରୟ କରି ଅନ୍ୟଦେଶରେ ବିକ୍ରୟ କରୁଥିଲେ ସେମାନେ । ସାତ-ଆଠ ମାସ ନୌବାଣିଜ୍ୟ ପରେ ସେମାନେ

ନିଜଦେଶକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଏମାନଙ୍କ ମଧ୍ୟରୁ ଅନେକ ବିଦେଶର ମୋହକୁ ଛାଡି ନ ପାରି ବିଦେଶରେ ବସତି ସ୍ଥାପନ କରୁଥିଲେ । ଆଜି ମଧ୍ୟ ଅନେକ ଓଡିଆ ସିଂହଳ, କାମ୍ବୋଡିଆ ଓ ଜାଭାରେ ବସତି ସ୍ଥାପନ କରି ରହୁଥିବାର ଜଣାଯାଏ । ସେମାନଙ୍କର ବସତି ସ୍ଥାପନ ଓ ନୌବାଣିଜ୍ୟ ପ୍ରଭାବିତ କରୁଥିଲା ବିଦେଶର ଧର୍ମ, କଳା, ସଂସ୍କୃତି, ରଣନୀତି ଇତ୍ୟାଦିକୁ । ଏବେ ମଧ୍ୟ ସିଂହଳରେ ସେନାନାୟକ, ରଣତୁଙ୍ଗା, ରତ୍ନନାୟକ, ବନ୍ଦରନାୟକ ସାଙ୍ଗିଆଧାରୀ ଲୋକ ଦେଖିବାକୁ ମିଳନ୍ତି । ସେନାନାୟକ ଓ ରଣତୁଙ୍ଗା ଦୁର୍ଦ୍ଧଷ ଓଡିଆ ପାଇକ ବୀର । ବନ୍ଦରନାୟକ ନୌବାଣିଜ୍ୟ ଓ ବନ୍ଦରର ମୁଖିଆଙ୍କୁ ବୁଝାଉଥିଲା । ସୁଦୂର କାମ୍ବୋଡିଆରେ ଆବିଷ୍କୃତ ଏକ ଘଞ୍ଚ ଜଙ୍ଗଲରୁ ଏକ ପରିତ୍ୟକ୍ତ ବିଷ୍ଣୁ ମନ୍ଦିରର ସନ୍ଧାନ ମିଳିଲା । ଭୂତତ୍ତ୍ୱବିତ, ଐତିହାସିକ ଓ ଭୌଗଳିକମାନେ ପ୍ରମାଣ କଲେ ଏହା ଓଡିଆମାନଙ୍କଦ୍ୱାରା ନିର୍ମିତ୍ତ ୧୭୦୦ ଶତାବ୍ଦୀର ମନ୍ଦିର । ଏହାର ଗାତ୍ରରେ ଫୁଟିଉଠିଛି ପୁରୀ, କୋଣାର୍କ ଓ ଲିଙ୍ଗରାଜ ମନ୍ଦିରର କରୁକଳାର ଅଭିନବ ସାଦୃଶ୍ୟ । ଏଠାରେ କହିବାର ଅର୍ଥ ହେଉଛି, ଏ ଜାତି ମହାନ ! ଏହାର ପରମ୍ପରା ମହାନ ! ମୁଁ ଆରମ୍ଭରୁ କହିଛି, ସମରସଜ୍ଜା ଓ ଭାସ୍କର୍ଯ୍ୟରେ ଏ ଜାତି ଅଦ୍ୱିତୀୟ ଥିଲା ବିଶ୍ୱରେ । ଅଙ୍ଗେ ଅଙ୍ଗେ ଯା'ର କାଳର ବିଭବ, ସେ ହିଁ କଳିଙ୍ଗ । ଉତ୍କର୍ଷତା ଲାଭ କରିଛି କଳାରେ ହେତୁ ଉତ୍କଳ । ଧନ୍ୟ ଓଡିଆ ଜାତି ! ଧନ୍ୟ ତୁମ

ସ୍ୱାକ୍ଷର ବିଦେଶ ମାଟିରେ । ପ୍ରକୃତିକ ଦୁର୍ବିପାକ ଯଥା ଝଡବତାସ, ଜଳଦସ୍ୟୁମାନଙ୍କର ଆକ୍ରମଣ, ଦୀର୍ଘ କ୍ଳାନ୍ତ ଜଳଯାତ୍ରା । ଭ୍ରୂକ୍ଷେପ ନାହିଁ ସେଥିପ୍ରତି । ଅନେକ ମରି ହଜି ଯାଉଥିଲେ ଏହି କାରଣରୁ ଓ ଯାତ୍ରା ସମୟରେ ଅନେକ ରୋଗରୁ । ଦୀର୍ଘ ନୌବାଣିଜ୍ୟର ବ୍ୟବଧାନ ପରେ ସେମାନେ ଫେରୁଥିଲେ ପ୍ରିୟା ଜନ୍ମଭୂମିକୁ ବର୍ଷାଋତୁର ଆରମ୍ଭରେ । ତା'ପରେ ଲାଗି ରହିଥିଲା ଚାଷବାସ କାମ । ଫେରିବା ସମୟରେ କୂଳବଧୂମାନେ ମଧ୍ୟ ସେହି ପାରମ୍ପରିକ ରୀତିରେ ନିଜର ପ୍ରିୟ ପରିଜନମାନଙ୍କୁ ସ୍ୱାଗତ କରୁଥିଲେ । କିନ୍ତୁ ହାୟ ! ଏ ଜାତି ଆଜି ନିଃସ୍ୱ, ବିକଳାଙ୍ଗ ! ଭିକ୍ଷାଥାଳ ଧରି ଭିକ୍ଷାମ ଦେହି ଚିତ୍କାର କରୁଛି । ସ୍ୱାଭିମାନ ତା'ର ମୃତ । କାମ ନ କରି ଦମ୍ଭର ସହ ବିପର୍ଯ୍ୟୟର ମୁକାବିଲା ନ କରି ଋଣ ଓ ଅନୁଦାନରେ ବଞ୍ଚିବାର ପ୍ରୟାସ କରୁଛି ଏ ଜାତି । ଏହା ଭିକ୍ଷାବୃତ୍ତି ନୁହେଁ ତ ଆଉ କ'ଣ ? ସ୍ୱାଧୀନ ଭାରତରେ ଗଢି ଉଠିଛି ପାରାଦ୍ୱୀପ ବନ୍ଦର ଓ ଗୋପାଳପୁର ବନ୍ଦର । କିନ୍ତୁ ଏହା ଆମର ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହୋଇପାରି ନାହିଁ । କୋଟି କୋଟି ଟନ ଲୌହପିଣ୍ଡ, କୋଇଲା ପାରାଦ୍ୱୀପ ବନ୍ଦରରୁ, ୟୁରାନିୟମ ପାଇଁ ବିରଳ ମୃତ୍ତିକା ଗୋପାଳପୁର ବନ୍ଦରରୁ ରପ୍ତାନି ହେଉଛି । କାରଣ ସେଗୁଡିକର ଉପଯୋଗ ପାଇଁ ଏଠି ନାହିଁ ଭିତ୍ତିଭୂମି । ପ୍ରତିଦାନରେ ଆମେ ପାଉଛେ କ'ଣ ? ବହୁମୂଲ୍ୟ ଆମରି ଲୁହାରେ ପ୍ରସ୍ତୁତ କ୍ଷୁଦ୍ର କ୍ଷୁଦ୍ର

ଯନ୍ତ୍ରାଂଶ । ଏଥିପାଇଁ ସରକାରୀ ସ୍ତରରେ ବା ବେସରକାରୀ ସ୍ତରରେ ସଚେତନତା ନାହିଁ । ସେ ନୌବାଣିଜ୍ୟ ଆଜି ନାହିଁ । ସେ ଗତଗୌରବ ଆଉ ନାହିଁ । ତଥାପି ସେ ସ୍ମୃତିକୁ ଉଜ୍ଜୀବିତ କରିବାର ପ୍ରୟାସ ବୋଇତ ବନ୍ଦାଣ ଉତ୍ସବ । ପୂର୍ବ ସୁରୀଙ୍କର ଅମ୍ଳାନ କୀର୍ତ୍ତିରାଜିକୁ ମନେ ପକାଇବାର ସଫଳ ପ୍ରଚେଷ୍ଟା ଲକ୍ଷ ଲକ୍ଷ ଓଡିଆମାନଙ୍କ ହୃଦୟରେ ନବଚେତନା ଜାଗରଣ କରୁ ଏହା ହିଁ କାମନା ।

*****

**ବଳଗଣ୍ଡି ସାହି, ପୁରୀ**

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଅକ୍ଟୋବର - ୨୦୨୦ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ www.preranaodia.com/feedback ପ୍ରଦାନ କରିବାକୁ ଅନୁରୋଧ ।

Prerana e-Store

*The Ultimate Bookshop*

https://store.preranaodia.com/